



# ଦ୍ୱୈତନଗରୀରେ କଠୋର ହେଲା ପୁଲିସ
# ମଦୁଆ ଡ୍ରାଇଭରଙ୍କୁ ଗାଡ଼ି ମନା

ଭୁବନେଶ୍ୱର, ୩।୩(ସମିସ):

ମଦୁଆ ଗାଡ଼ି ଡ୍ରାଇଭରଙ୍କ ପ୍ରତି କଠୋର ହୋଇଛି କମିସନରେଟ୍ ପୁଲିସ। ମଦପିଇ ଗାଡ଼ି ଚଳାଇବାକୁ କମିସନରେଟ୍ ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମଦୁଆ ଡ୍ରାଇଭରଙ୍କୁ ପ୍ରତିହତ କରିବା ପାଇଁ 'ମୋ ରାସ୍ତା ମୋ ସୁରକ୍ଷା' ଅଭିଯାନକୁ ଆହୁରି ତୀବ୍ର କରାଯାଇଛି। ସହରର ପ୍ରତି ଛକରେ ଜୋରଦାର ଚେକିଂ କରାଯାଇ ବେପରୁଆ ମଦ୍ୟପ ଚାଳକଙ୍କ ଗାଡ଼ି ଜବତ କରାଯାଉଛି। ନିଶାସକ୍ତ ଚାଳକଙ୍କ ନାମରେ ମାମଲା ରୁଜୁ କରିବା ସହ ଗାଡ଼ି ବି ଜବତ କରାଯାଉଛି। ମଦ୍ୟପ ଚାଳକଙ୍କ ସମେତ ବିପରୀତ ଗାଡ଼ି ଚାଳନା, ନାଲିବତି ଡେଇଁବା, ମୋବାଇଲ ଫୋନ୍‌ରେ କଥା ହୋଇ ଗାଡ଼ି ଚାଳକ ପ୍ରତି କୋଠର ଆଭିମୁଖ୍ୟ ନିଆଯାଉଥିବା କହିଛନ୍ତି ପୁଲିସ କମିସନର୍ ସଞ୍ଜିବ ପଣ୍ଡା।





ପୁଲିସର ତଥ୍ୟ ଅନୁଯାୟୀ, ଗତ ୩୧ ଦିନରେ ଦ୍ୱୈତନଗରୀରେ ମଦପିଇ ଗାଡ଼ି ଚଳାଇ ୩୩୨ ଜଣ ଧରାପଡ଼ିଛନ୍ତି। ଟ୍ରାଫିକ୍ ସିଗ୍‌ନାଲ ନ ମାନି ୭୫ଜଣ, ବିପରୀତ ଦିଗରେ ଗାଡ଼ି ଚଳାଇ ୨୯୭ଜଣ, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ କଥା ହୋଇ ୧୪୦ଜଣ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଇଥିବା ୧୩୮ ଜଣ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ୮୮୧ଟି ଗାଡ଼ି ଜବତ କରାଯାଇଥିବା ବେଳେ ୭୪୩ ଗାଡ଼ିକୁ କୋର୍ଟରେ ପିଆର୍ ଦାଖଲ ହୋଇଛି। ସେଥିରୁ ୭୩୬ଟି ଗାଡ଼ିକୁ କୋର୍ଟର ଅନୁମତିକ୍ରମେ ଥାନାରୁ ଗାଡ଼ି ମୁକୁଳାଇ ନେଇଛନ୍ତି ମାଲିକ।

ଗତ ଫେବୃଆରୀରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଅଞ୍ଚଳରେ ମଦପିଇ ଗାଡ଼ି ଚଳାଇବା ସମୟରେ ୨୩୨, ନାଲିବତି ଡେଇଁବା ୬୮, ବିପରୀତ ଦିଗରେ ଗାଡ଼ି ଚଳାଇ ୨୫୧, ଗାଡ଼ି ଚଳାଇବା ସମୟରେ

**ମାସକରେ ଧରାପଡ଼ିଛନ୍ତି ୩୩୨ ଗାଡ଼ିଚାଳକ**

**୧୩୮ ମାମଲା ରୁଜୁ; ୭୪୩ ଜଣଙ୍କୁ ପିଆର୍**

**୮୮୧ ଗାଡ଼ି ଜବତ; ୬୦୦ ଲାଇସେନ୍ସ ବାତିଲ ପ୍ରକ୍ରିୟା**

ମୋବାଇଲ ଫୋନ୍‌ରେ ଗପି ୧୩୫ଜଣ ଚାଳକ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ୧୦୦ଟି ମାମଲା ରୁଜୁ କରାଯାଇଛି। ୫୮୬ ଗାଡ଼ିର କୋର୍ଟରେ ପିଆର୍ ଦିଆଯିବା ସହ ୬୮୬ଟି ଗାଡ଼ି ଜବତ କରାଯାଇଛି। ତେବେ କୋର୍ଟଙ୍କ ଅନୁମତିକ୍ରମେ ୫୯୨ଟି ଗାଡ଼ି ମୁକୁଳାଇଛନ୍ତି ଚାଳକ। ଅନୁରୂପ ଭାବେ କଟକ ସହରାଞ୍ଚଳର ପୁଲିସ ପକ୍ଷରୁ ମଦପିଇ ଗାଡ଼ି ଚଳାଇ ୮୧ଜଣ, ନାଲିବତି ଡେଇଁବା ୫, ବିପରୀତ ଦିଗରେ ଗାଡ଼ି ଚଳାଇ ୪୨, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପି ଜଣେ ଚାଳକ ଧରାପଡ଼ିଛନ୍ତି। ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ୩୧ଟି ମାମଲା ରୁଜୁ କରାଯାଇଛି। ସେଭଳି ୧୩୭ଟି ଗାଡ଼ିର କୋର୍ଟରେ ପିଆର୍ ଦିଆଯିବା ସହ ୧୬୮ଟି ଗାଡ଼ି ଜବତ କରାଯାଇଛି। ଏଥିସହ କୋର୍ଟଙ୍କ ଅନୁମତିକ୍ରମେ ୧୪୪ଟି ଗାଡ଼ି ମୁକୁଳାଇ ନେଇଛନ୍ତି ଚାଳକ। ତେବେ ଆଇନ୍‌କାନୁନ ଭାଙ୍ଗିବାରେ କଟକକୁ ଟପିଛି ଭୁବନେଶ୍ୱର। ମଦପିଇ ଗାଡି ଚଳାଇବା ସହ ଟ୍ରାଫିକ ନିୟମ ଭାଙ୍ଗିବାରେ ଭୁବନେଶ୍ୱର ଆଗରେ ରହିଛି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରର ଦୁଇଟି ଟ୍ରାଫିକ ଥାନା ସମେତ ଭୁବନେଶ୍ୱର ସମସ୍ତ ଥାନା ଅଞ୍ଚଳରେ ଏହାକୁ କଡ଼ାକଡ଼ି କରାଯାଉଛି। ଭୁବନେଶ୍ୱର ଭଳି କଟକରେ ବି ଅନୁରୂପ ଭାବେ ଦୁଇଟି ଟ୍ରାଫିକ୍ ଥାନା ଏବଂ ସମସ୍ତ ଥାନାରେ ଯାଞ୍ଚ କରାଯାଇଥିଲା।



## ଫସିଲା ୨୫ ଦାମୀ ଗାଡ଼ି

ଗାଡ଼ିର ଦାମ୍ କୋଟିଏ ଉପରେ। ନାମୀଦାମୀ କମ୍ପାନିର ଗାଡ଼ି ଥାନା ଆଗରେ ଥୁଆ ହୋଇଛି। ଗାଡ଼ିର ମାଲିକ କିମ୍ବା ଚାଳକ ମଦପିଇ ପୁଲିସର ଆଇନ୍ ଫାସରେ ଫସିଯାଇଛି। ଗାଡ଼ି ସୋ'ରୁମ୍ ଭଳି ଥୁଆ ହୋଇଛି ଏକକୁ ବଳି ଆରକେ ଦାମୀ ଗାଡ଼ି। ଅଡି, ମର୍ସିଡିଜ୍, ସ୍କର୍ପିଓ, ଟାଟା ହାରିଅର, ଏମ୍‌ଜି ହେକ୍ଟର, କିଆ ସେଲ୍‌ଫଟସ ଭଳି ଦାମୀଗାଡ଼ିଗୁଡ଼ିକ ପ୍ରଦର୍ଶନୀ ଭଳି ଲମ୍ବା ହୋଇଛି ଛିଡ଼ା ହୋଇଛି। ଏହି ସମସ୍ତ ଗାଡ଼ିଗୁଡ଼ିକ ମଦପିଇ ଗାଡ଼ି ଚଳାଇଥିବା ଚାଳକଙ୍କ ଠାରୁ ଜବତ କରାଯାଇଛି। ଏଥରେ କିଛି ଗାଡ଼ିଗୁଡ଼ିକୁ ନିଜେ ଚାଳକ ଚଳାଉଥିବା ବେଳେ ଆଉ କିଛି ଗାଡ଼ି ମାଲିକ ରହିଛନ୍ତି। ଚାଳକ ଧରାପଡୁଥିଲେ ମଧ୍ୟ ମାଲିକ ନାମରେ ଗାଡ଼ି ଥିବାରୁ ଫସିଛି ଦାମୀ ଗାଡ଼ିର ମାଲିକ। ଧନୀ ଶ୍ରେଣୀର ଲୋକେ କୋର୍ଟରୁ ପିଆର୍ ଆଣିବା ବେଳେ ଗାଡ଼ି ମୁକୁଳାଇ ନେଉଛି। ଭୁବନେଶ୍ୱର ସହରାଞ୍ଚଳ ଅର୍ଥାତ୍ ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର, ସହିଦନଗର ଏବଂ ଖାରବେଳନଗର ଥାନା ଅଞ୍ଚଳରୁ ଅଧିକ ଦାମୀ କାର୍ ଜବତ ହୋଇଛି। ଜବତ ହୋଇଥିବା କାର୍ ମଧ୍ୟରୁ ୨୫ଟି ଦାମୀ କାର୍ ରହିଛି।



## ନିୟମ ଭାଙ୍ଗିଲେ ଫସିବେ ବାର୍ ଓ ପବ୍

ରାତିରେ ମଦ୍ୟପ ଚାଳକ ବିରୋଧରେ ଜାରି ହୋଇଛି କାର୍ଯ୍ୟାନୁଷ୍ଠାନ। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜଧାନୀରେ ଥିବା କିଛି ବାର୍ ଓ ପବ୍ ଅବକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ନଜର ଆସିଛି। ନାଚ ଗୀତ ଡିଜେ ସାଙ୍ଗକୁ ବାର୍ ଓ ପବ୍‌ରେ ନିଶାର ଆସର ଜମୁଛି। ନିଶାସକ୍ତ ଅବସ୍ଥାରେ ଚାଳକ ଗାଡ଼ି ନେଇ ଘରକୁ ଯାଉଛନ୍ତି। ଆଉ ଯାଞ୍ଚ୍ ବେଳେ ପୁଲିସ ହାବୁଡ଼ରେ ପଡୁଛନ୍ତି। ପୁଲିସ ବ୍ରେଥ୍ ଆନାଲାଇଜର୍ ଲଗାଇ ଯାଞ୍ଚ କରୁଛି। ସେଥିରୁ ମଦ୍ୟପ ଚାଳକ ଫସିବାରୁ ମାମଲା ରୁଜୁ ହେଉଛି। ତେବେ ଅବକାରୀ ଟିମ୍ ଓ କମିସନରେଟ ପୁଲିସ ପକ୍ଷରୁ ମିଳିତ ଟିମ୍ ଚଢ଼ଉ କରୁଛନ୍ତି। ଲାଇସେନ୍ସ ସହ ମ୍ୟୁଜିକ୍‌ର ପ୍ରମାଣପତ୍ର ଯାଞ୍ଚ ଲାଗି ଖୁବ୍‌ଶୀଘ୍ର ବଡ଼ଧରଣର ଚଢ଼ଉ କରାଯିବ। ନିୟମ ଭାଙ୍ଗୁଥିବାର ନଜର ଆସିଲେ, ଲାଇସେନ୍ସ ରଦ୍ଦ ନେଇ ନିଷ୍ପତ୍ତି ହେବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

## ୩ଟି ସୋପାନରେ ଲାଇସେନ୍ସ ରଦ୍ଦ ପ୍ରକ୍ରିୟା

ମଦ୍ୟପ ଗାଡ଼ିଚାଳକ ବିରୋଧରେ ମାମଲା ନୁହେଁ; ଗାଡ଼ି ଲାଇସେନ୍ସ ରଦ୍ଦକୁ ଗୁରୁତ୍ୱ ଦିଆଯାଉଛି। ମଦ୍ୟପ ଚାଳକ ଭବିଷ୍ୟତରେ ଯେମିତି ଗାଡ଼ି ନ ଚଳାଇ ପାରିବେ, ଏହାକୁ ସୁନିଶ୍ଚିତ କରାଯାଉଛି। କମିସନରେଟ୍ ପୁଲିସ ଏଦିଗରେ ଆହୁରି କଠୋର ରଣନୀତି ଆପଣାଇଛି। ଗାଡ଼ି ଲାଇସେନ୍ସକୁ ୩ଟି ସୋପାନରେ ବିଭକ୍ତ ହୋଇଛି। ପ୍ରଥମ ଦଫାରେ ଗାଡ଼ିଚାଳକଙ୍କ ଲାଇସେନ୍ସ ୩ ମାସ ଲାଗି ବାତିଲ୍ କରାଯାଉଛି। ଦ୍ୱିତୀୟ ସୋପାନରେ ଚାଳକକୁ ଗିରଫ କରାଯିବା ସହ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯାଉଛି। ତୃତୀୟ ସୋପନରେ ଗାଡ଼ିର ପଞ୍ଜୀକରଣକୁ କଳା ତାଲିକାଭୁକ୍ତ କରାଯିବା ସହ ସେମାନଙ୍କୁ ଲାଇସେନ୍ସ ପ୍ରଦାନ ନ କରିବାକୁ ବ୍ୟବସ୍ଥା କରାଯାଇଛି। ତେବେ ୬୦୦ରୁ ଊର୍ଦ୍ଧ୍ୱ ଚାଳକଙ୍କ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗ ନିକଟରେ ଆବେଦନ କରାଯାଇଛି। ସେଥିରୁ ୧୦୦ରୁ ଅଧିକ ଚାଳକ କ୍ଷେତ୍ରରେ ଲାଗୁ କରାଯାଇ ଲାଇସେନ୍ସକୁ ବାତିଲ୍ କରାଯାଉଛି ବୋଲି ସିପି ସୂଚନା ଦେଇଛନ୍ତି।

## ପୁଲିସର ପରିଚୟ ଦେଇ ନେଇଗଲେ ସୁନାଗହଣା

ଭୁବନେଶ୍ୱର, ୩।୩ (ସମିସ): 'ମାଉସୀ, ଆମେ ପୁଲିସ....ମୁଁ ଆଇଆଇସି। କୁଆଡ଼େ ଯାଉଛ। ବେକରେ ସୁନା କାହିଁ ପିନ୍ଧିଛ। ଏକୁଟିଆ ଯାଉଛ କାଳେ କିଏ ଲୁଟିନେବ...ଆସ ଖୋଲିଦେଇ ରଖିଦେବା'। ଆଉ ତାପରେ... ଯାହା ଘଟିଲା ବୃଦ୍ଧାଙ୍କ ମୁଣ୍ଡ ଗୋଲ ହୋଇଗଲା। ଏଥିଲା ଜଣେ ବୃଦ୍ଧାଙ୍କ ଠାରୁ ଲୁଟ୍ କରିବା ସମୟରେ ପୁଲିସ ବେଶରେ ଥିବା ଲୁଟେରାଙ୍କ ଲୁଟ୍‌ପାଟ୍‌ର ଶୈଳୀ। ଖାରବେଳ ନଗର ଥାନା ଅଞ୍ଚଳର ପୁଲିସ ପରିଚୟ ଦେଇ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟା ଜଣେ ବୃଦ୍ଧା ଖାରବେଳନଗର ଥାନା ଅଞ୍ଚଳରେ ସନ୍ଧ୍ୟାଭ୍ରମଣ କରି ଘରକୁ ଯାଉଥିଲେ। ସେଇ ସମୟରେ ବୃଦ୍ଧାଙ୍କୁ ରାସ୍ତାରେ ଅଟକାଇ ୩ଜଣ ଲୁଟେରା ନିଜକୁ ପୁଲିସର ପରିଚୟ ଦେଇଥିଲେ। ସୁନା କାହିଁକି ପିନ୍ଧି ବୁଲୁଛ କହି ତାଗିଦ୍ କରିଥିଲେ। ବୃଦ୍ଧାଙ୍କ ବେକରୁ ସୁନା ଚେନ ଓ ମୁଦି ଖୋଲି ନିଜେ ଆଣିଥିବା ଏକ କାଗଜରେ ସୁନା ଗହଣା ରଖିଥିଲେ। ବୃଦ୍ଧାଙ୍କ ସହ କଥାବାର୍ତ୍ତା ହୋଇ କିଛି ବାଟ ଯିବା ପରେ ତାଙ୍କ ଅଜାଣତରେ ଅନ୍ୟ ଏକ ନକଲି ଚେନ୍‌କୁ ଧରାଇ ଦେଇ ଚମ୍ପଟ୍ ମାରିଛନ୍ତି ଲୁଟେରା ଦଳ। ଲୁଟ୍ ହେବା ନେଇ ଜାଣିବା ପରେ ଖାରବେଳ ନଗର ଥାନାରେ ସମ୍ପୃକ୍ତ ବୃଦ୍ଧା ଅଭିଯୋଗ କରିଛନ୍ତି। ସେଇ ସ୍ଥାନରେ ଲାଗିଥିବା ସିସିଟିଭିରେ ସମ୍ପୂର୍ଣ୍ଣ ଦୃଶ୍ୟ କଏଦ୍ ହୋଇଛି। ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି ଖାରବେଳନଗର ଥାନା ପୁଲିସ। ପୂର୍ବରୁ ବି ଅନୁରୂପ ଢ଼ଙ୍ଗରେ ନିଜକୁ ପୁଲିସ ଦର୍ଶାଇ ଲୁଟ୍‌ପାଟ୍ କରିଛନ୍ତି ଲୁଟେରା ଦଳ।

■ ପୁଲିସକୁ ପଥର ପିଙ୍ଗିବା ଘଟଣା

## ଦେଢ଼ ମାସ ପରେ ଜଣେ ଗିରଫ

ଭୁବନେଶ୍ୱର, ୩।୩ (ସମିସ): ଚଢ଼ଉ ସମୟରେ ପୁଲିସକୁ ପଥର ପିଙ୍ଗିବା ଘଟଣାର ଦେଢ଼ ମାସ ପରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୋତଣ୍ଡା ଭୋଇ ସାହିର ପକା ଓରଫ୍ ପ୍ରକାଶ ବେହେରା (୩୮)। ପୁଲିସ ସୂଚନା ଅନୁସାରେ, ଗତମାସ ୧୭ ତାରିଖ ସନ୍ଧ୍ୟାରେ ଏୟାରଫିଲ୍ଡ ଥାନାର ପୁଲିସ ଟିମ୍ ପାଟ୍ରୋଲିଂ କରିବା ସହିତ ଥାନା ଅଞ୍ଚଳରେ ସର୍ବସାଧାରଣରେ ଖଟି ଓ ମଦ୍ୟପାନ ବିରୋଧରେ ଚଢ଼ଉ କରୁଥିଲେ। ସେହି ସମୟରେ ପକା ଓ ତାର ଭାଇ ପ୍ରେଷ୍ଟିଜ ଆପାର୍ଟମେଣ୍ଟ ନିକଟରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ଦେଖି ସେଠାରେ ଅଟକି ଥିଲେ। ସର୍ବସାଧାରଣରେ ମଦ୍ୟପାନ କରୁଥିବାରୁ ପୁଲିସ ସେମାନଙ୍କୁ ବାରଣ କରିବା ସହିତ ତାଗିଦ୍ କରିଥିଲେ। ହେଲେ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହିତ ପୁଲିସ ଉପରକୁ ପଥର ଫୋପାଡ଼ି ଥିଲେ। ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିଲେ। ରବିବାର ଶଙ୍କରା ବଜାର ଛକ ନିକଟରେ ଚଢ଼ଉ କରି ପକାକୁ ଗିରଫ କରି କୋର୍ଟ ଚାଲାଣ କରିଛି।



## ଫ୍ଲାଗ୍‌ମାର୍ଚ୍ଚ କଲା ସିଏପିଏଫ୍ ମହିଳା ଯବାନ



ଭୁବନେଶ୍ୱର, ୩।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଓଡ଼ିଶାର ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସ (ସିଏପିଏଫ୍) ଯବାନମାନେ ପହଞ୍ଚି ସାରିଲେଣି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ମୁତୟନ ହେବା ପାଇଁ ୧୫ କମ୍ପାନୀ ସିଏପିଏଫ ଆସିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୬୦ କମ୍ପାନୀ ଫୋର୍ସ ଆସିବେ। ତା'ପୂର୍ବରୁ ପହଞ୍ଚିଥିବା ସିଏପିଏଫ୍ ଯବାନ ରବିବାର ଅପରାହ୍ଣରେ ଭୁବନେଶ୍ୱରରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ରାଜମହଲ ଛକରୁ ଶିଶୁଭବନ ଛକ ଯାଏଁ ଫ୍ଲାଗମାର୍ଚ୍ଚ କରିଥିଲେ ସିଏପିଏଫ୍ ମହିଳା ଯବାନ। ଅପରାଧୀ ଓ ଅପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ସିଏପିଏଫ୍ ଯବାନ ମୁଖ୍ୟ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱର ଥିବା ବସ୍ତିଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଛି। ପ୍ରଥମ ଫ୍ଲାଗମାର୍ଚ୍ଚରେ କ୍ୟାପିଟାଲ୍ ଓ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ବସ୍ତିଗୁଡ଼ିକରେ ପହଞ୍ଚି ନିଜର ଉପସ୍ଥିତି ଜାହିର କରିଥିଲେ।

ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। ରାଜମହଲ ଛକରୁ ଝରଣା ବସ୍ତି ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ ହୋଇଛି। ଏଥିରେ ସିଆରପିଏଫ ମହିଳା ୱିଙ୍ଗର ୬୧ ଯବାନଙ୍କ ସହ ଖାରବେଳନଗର ଥାନା ଓ କ୍ୟାପିଟାଲ ଥାନା ପୁଲିସ ସାମିଲ ଅଛନ୍ତି। ଫ୍ଲାଗ୍‌ମାର୍ଚ୍ଚରେ ଦୁଇ ପ୍ଲାଟୁନ ଫୋର୍ସ ସାମିଲ ହୋଇଛନ୍ତି। ଅପରାଧିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଫ୍ଲାଗମାର୍ଚ୍ଚରେ ବାର୍ତ୍ତା ଦିଆଯାଉଛି। ଏହାସହ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ସଚେତନତା କରାଯାଉଛି। ନିର୍ବାଚନ ସମୟରେ କିମ୍ବା ପୂର୍ବରୁ ଯଦି କେହି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ୟାପିଟାଲ୍ ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି। ସେହିପରି ଭୁବନେଶ୍ୱରରେ ବର୍ତ୍ତମାନ ଯାଏଁ ପହଞ୍ଚିଥିବା ଗୋଟିଏ କମ୍ପାନୀ ସିଏପିଏଫ ଯବାନ ରବିବାର ଏହି ଫ୍ଲାଗମାର୍ଚ୍ଚ କରିଥିଲେ। ଏଭଳି ଭାବେ ନିର୍ବାଚନ ଯାଏଁ ସପ୍ତାହକୁ ୨-୩ ଥର ଫ୍ଲାଗମାର୍ଚ୍ଚ କରିବେ। ଆଗକୁ ପ୍ରତି ଥାନା ଅଞ୍ଚଳରେ ଥିବା ବସ୍ତି ଓ ସହରର ପ୍ରମୁଖ ରାସ୍ତାରେ ଫ୍ଲାଗମାର୍ଚ୍ଚ ଜାରି ରହିବ।

## ଟେଣ୍ଟ କାର୍ଯ୍ୟ ବିଳମ୍ବ ପାଇଁ ମରଣାନ୍ତକ ଆକ୍ରମଣ

ହଂସପାଳ,୩।୩(ସମିସ): ଏକ ଟେଣ୍ଟ କାର୍ଯ୍ୟ ବିଳମ୍ବକୁ ନେଇ ପ୍ରକାଶ କୁମାର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପାହାଳ ଥାନା ପୁଲିସ ନହରକଣ୍ଟା ଗ୍ରାମର ଲିଙ୍ଗରାଜ ସାମଲ(୩୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜାମିନୀ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ବଙ୍ଗୁଆରି ଗ୍ରାମର ଅଭିଯୋଗକାରୀ ପ୍ରଶାନ୍ତ କୁମାର ସାହୁ ଲିଙ୍ଗରାଜଙ୍କ ଟେଣ୍ଟ କାର୍ଯ୍ୟ କରିଥିଲେ। କିନ୍ତୁ ଠିକ୍ ସମୟରେ ଟେଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରିବା ଫଳରେ ଲିଙ୍ଗରାଜ ତାଙ୍କୁ ମରାତ୍ମକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ପ୍ରଶାନ୍ତ ଥାନା ରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଉଟି ମହାନ୍ତି ଘଟଣାର ତଦନ୍ତ କରିବାସହ ଅଭିଯୁକ୍ତ ଲିଙ୍ଗରାଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ନାବାଳିକା ଅପହରଣ: ଯୁବକ ଗିରଫ

ଭୁବନେଶ୍ୱର, ୩।୩ (ସମିସ): ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଖରଚଣ୍ଡୀ ନଗରରେ ରହୁଥିବା ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା କୁସୁପୁରର ପ୍ରକାଶ ଦାସ (୨୪)। ପୁଲିସ ସୂଚନା ଅନୁସାରେ, ଶିଖରଚଣ୍ଡୀ ନଗର ବସ୍ତିରେ ପରିବାର ସହିତ ରହୁଥିବା ଜଣେ ନାବାଳିକା ଗତମାସ ୨୭ ତାରିଖ ଦିନ ସ୍କୁଲକୁ ଯାଇଥିବା ବେଳେ ପ୍ରକାଶ ତାଙ୍କୁ ଅପହରଣ କରି ଗଞ୍ଜାମ କୁସୁପୁର ସ୍ଥିତ ନିଜ ଘରକୁ ନେଇଯାଇଥିଲା। ସେଠାରେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲାର ପିଡ଼ୀତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପ୍ରକାଶକୁ ଗିରଫ କରି ଥାନାକୁ ଆଣିଥିଲା। ଉଭୟଙ୍କର ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।



ଅପରାଧ ରୋକିବାକୁ ବସ୍ତିରେ କ୍ରୀଡ଼ା ପ୍ରତିଯୋଗିତା କରାଇଲା ପୁଲିସ

## ଫୁଟ୍‌ବଲରେ ଇଡ୍‌କୋ, କ୍ରିକେଟ୍‌ରେ ନେହରୁ ବସ୍ତି ଚାମ୍ପିଅନ୍

ଭୁବନେଶ୍ୱର, ୩।୩ (ସମିସ):

ଆଉ ଦିନ କେଇଟା ପରେ ସାଧାରଣ ନିର୍ବାଚନ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ସାଙ୍ଗକୁ ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। ସହରରେ ଥିବା ବସ୍ତିଗୁଡ଼ିକରେ ସଂଗଠିତ ଅପରାଧ ହେଉଥିବାରୁ ବସ୍ତିଗୁଡ଼ିକୁ ଫୋକସ୍ କରିଛି ପୁଲିସ। ବସ୍ତି ବାସିନ୍ଦା ଓ ପୁଲିସ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ବସ୍ତି ବସ୍ତି ମଧ୍ୟରେ କ୍ରିକେଟ ଓ ଫୁଟବଲ ଲିଗ ଭଳି କାର୍ଯ୍ୟକ୍ରମ ହାତକୁ ନେଇଛି। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ପକ୍ଷରୁ ଆରମ୍ଭ କରାଯାଇଥିବା 'ବସ୍ତିକୁ ଚାଲ' ଅଭିଯାନ କ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଓଡ଼ିଶା ଖଣି ନିଗମ ଆନୁକୂଲ୍ୟରେ ଭୁବନେଶ୍ୱର ଇଣ୍ଟର ବସ୍ତି ଫୁଟବଲ ଓ କ୍ରିକେଟ୍ ଲିଗ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ୪୦ ଟି ଫୋକସ ବସ୍ତିକୁ ନେଇ ଆରମ୍ଭ କରାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଜାନୁୟାରୀ ୨୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଇଣ୍ଟର ବସ୍ତି ଫୁଟବଲ ଲିଗ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବସ୍ତିର ମୋଟ ୧୯ଟି ଟିମ୍ ଭାଗ ନେଇଥିଲେ। ରବିବାର ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ଫାଇନାଲ ମ୍ୟାଚରେ ଆଦିବାସୀ ଗାଁକୁ ହରାଇ ସାଲିଆ ସାହିସ୍ଥିତ ଇଡକୋ ବସ୍ତି ଚାମ୍ପିଅନ୍ ହୋଇଛି। ଇଡ୍‌କୋ ବସ୍ତିର ଚନ୍ଦନ ନାୟକଙ୍କୁ ବେଷ୍ଟ ଗୋଲ ସ୍କୋରର ଭାବେ ବିବେଚିତ ହୋଇଥିବା ବେଳେ କାଳିଆ ନାୟକଙ୍କୁ ପ୍ଲେୟାର ଅଫ ଦି ଫାଇନାଲ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରେଫରି ସଖାୱତ ଅଲ୍ଲୀ ଖାନ, ଆଲୋକ ଦେହୁରୀ, ଚନ୍ଦ୍ରକାନ୍ତ ବାରିକ, ଟି. ମୋହନ ରାଓ, ଅମର ବିଳାସ ତିର୍କୀ ଓ ସଚିନ ଖାଲା ପରିଚାଳନା କରିଥିଲେ। ସେହିପରି ଗତବର୍ଷ ଡିସେମ୍ବର ୧୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଇଣ୍ଟର ବସ୍ତି କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ମୋଟ ୪୮ ଟି ଟିମ ଅଂଶ ଗ୍ରହଣ କରିଥିଲେ। ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତି ଏବଂ ନୂଆପଲ୍ଲୀ ଥାନା ଅନ୍ତର୍ଗତ ନେହେରୁ ବସ୍ତି ଫାଇନାଲରେ ପ୍ରବେଶ କରିଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚରେ କାର୍ଗିଲ ବସ୍ତିକୁ ହରାଇ ନେହରୁ ବସ୍ତି ଟିମ ଚାମ୍ପିଅନ୍ ହୋଇଥିଲା। ନେହରୁ ବସ୍ତି ଟିମର ଖେଳାଳି ରିମ ମିଶ୍ର ୧୩ଟି ବଲରୁ ୩୦ ରନ ଓ ୪ଟି ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟରେ ମୋଟ ୧୩୫ ରନ ଓ ୧୭ ଟି ୱିକେଟ ହାସଲ କରିଥିବା କାର୍ଗିଲ ବସ୍ତି ଟିମର ଦେବାଶିଷ ପରିଡ଼ାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ଦୁଇ ଅମ୍ପାୟାର ତାପସ କୁମାର ବେହେରା ଓ ଜାହିରୁଦ୍ଦିନ ଖାନ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଭୁବନେଶ୍ୱର-କଟକ ପୁଲିସ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ବିଡ଼ିଏ ଚେୟାରମ୍ୟାନ ବଲୱନ୍ତ ସିଂ, ଭାରତୀୟ ଫୁଟବଲ ପ୍ରଶିକ୍ଷକ ତଥା ପୂର୍ବତନ ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶା କ୍ରିକେଟ୍ ଆସୋସିଏସନର ବରିଷ୍ଠ ଚୟନ କମିଟି ସଦସ୍ୟ ପ୍ରଶିକ୍ଷକ ତଥା ପୂର୍ବତନ କ୍ରିକେଟର ସୌରଜିତ୍ ମହାପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିବା ସହିତ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।




ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ୨୦ ଲକ୍ଷ ଠକେଇ; ପ୍ରେମିକ ଗିରଫ

ଭୁବନେଶ୍ୱର, ୩।୩ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ଥାନା ଅନ୍ତର୍ଗତ କୋରଡ଼କଣ୍ଟାରେ ରହୁଥିବା ବିହାରର ଧିରେନ୍ଦ୍ର ଓରଫ୍ ଧିରେନ୍ଦ୍ର ଠାକୁର (୩୪)। ଟଙ୍କପାଣି ରୋଡ୍‌ରେ କନ୍ସଲଟାନ୍ସି ଅଫିସ ଅଛି କରିଥିବା ଜଣେ ଯୁବତୀଙ୍କର ୨୦୧୯ ମସିହାରେ ଧିରେନ୍ଦ୍ର ସହିତ ସମ୍ପର୍କ ଗଢ଼ି ଉଠିଥିଲା। ଧିରେନ୍ଦ୍ର ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏଥିସହିତ ବିଭିନ୍ନ ସମୟରେ ତାଙ୍କ ଠାରୁ ୨୦ ଲକ୍ଷ ଟଙ୍କା ନେଇଥିଲା। ଧିରେନ୍ଦ୍ର ବିବାହିତ ବୋଲି ଜାଣିବା ପରେ ଯୁବତୀ ଜଣକ ତାଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ଧିରେନ୍ଦ୍ର ତାଙ୍କୁ ଧମକ ଦେବା ସହ ଆକ୍ରମଣ ମଧ କରିଥିଲା। ଯୁବତୀ ଆହତ ହେବା ସହିତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ଗର୍ଭ ନଷ୍ଟ ହୋଇ ଯାଇଥିଲା। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଧିରେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଧିରେନ୍ଦ୍ର ନାମରେ ପୂର୍ବରୁ ଏୟାରଫିଲ୍ଡ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



# ଭୁବନେଶ୍ୱର ସିଟି



## ଦୁଇ ଗିରଫ; ଗାଡ଼ି ଓ ସାଇକଲ୍ ଜବତ



ଭୁବନେଶ୍ୱର/ଧଉଳି ୩।୩ (ସମିସ): ଗାଡ଼ି ଓ ସାଇକଲ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଲକ୍ଷ୍ମୀସାଗର ଅଞ୍ଚଳର ଏଲ୍ ଶିବା ରେଡ୍ଡୀ (୩୧) ଓ ଲିଙ୍ଗରାଜ ଷ୍ଟେସନ ନିକଟରେ ରହୁଥିବା ପଶ୍ଚିମବଙ୍ଗର ପ୍ରବୀର ଗୟେନ (୩୫)। ପୁଲିସ ସୂଚନା ଅନୁସାରେ, ଶନିବାର ରାତିରେ ବିଶାଳ କୁମାର ମିସ୍ତ୍ରି ତାଙ୍କର ଜଣେ ବନ୍ଧୁଙ୍କ ସହିତ ଧଉଳିସ୍ଥିତ ଓଡ଼ିଆଣି ଢାବା ସାମ୍ନାରେ ମଟରସାଇକଲଟିକୁ ପାର୍କିଂ କରି ଭିତରକୁ ଖାଇବାକୁ ଯାଇଥିଲେ। ଶିବା ସୁଯୋଗ ଦେଖି ତାଙ୍କ ମଟରସାଇକଲକୁ ଚୋରି କରି ନେଇ ଯାଇଥିଲା। ଏନେଇ ଧଉଳି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶିବାକୁ ଗିରଫ କରି ମଟରସାଇକଲ୍ ଓ ଗୋଟିଏ ମାଷ୍ଟର ଚାବି ଜବତ କରିଥିଲା। ସେହିପରି କପିଳ ପ୍ରସାଦ ବିଡିଏ କଲୋନୀରେ ରହୁଥିବା ମହମ୍ମଦ ସୁଫୀୟାନ ତାଙ୍କ ଘର ଆଗରେ ସାଇକଲ ରଖିଥିଲେ। ପ୍ରବୀର ଗତ ୧ ତାରିଖ ଦିନ ରାତିରେ ସାଇକଲ ଚୋରି କରି ନେଇ ଯାଇଥିଲା। ଏନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ପୁନାମା ଗେଟ୍ ବିଡିଏ ଛକ ନିକଟରେ ଚଢ଼ଉକରି ଚୋରି ସାଇକଲ ଜବତ କରିବା ସହିତ ଶିବା ଓ ପ୍ରବୀରକୁ ଗିରଫ କରିଥିଲା।

## ନିୟନ୍ତ୍ରଣ ବାହାରେ କଲ୍ୟାଣ ମଣ୍ଡପ



**ଦୁର୍ଗନ୍ଧରେ ଫାଟିପଡୁଛି ରାସ୍ତାଘାଟ; ଅସ୍ତବ୍ୟସ୍ତ ଅଞ୍ଚଳବାସୀ ● ଯାତାୟତ ସମସ୍ୟା ଭୋଗୁଛନ୍ତି ୩୨ ପଞ୍ଚାୟତର ଲୋକେ**

ଭୁବନେଶ୍ୱର, ୩।୩ (ସମିସ):

କେସୁରା ନିକଟସ୍ଥ ସାଇ ମନ୍ଦିର ଠାରୁ ବାଙ୍କୁଆଳ ବ୍ରିଜ୍ ପର୍ଯ୍ୟନ୍ତ ଓ ରବି ଟକିଜ୍ ଠାରୁ ଟଙ୍କପାଣି ରୋଡ୍ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଛତୁ ଫୁଟିଲା ଭଳି କଲ୍ୟାଣ ମଣ୍ଡପମାନ ଖୋଲିଛି। ଦିନ ଥିଲା ବିବାହ ମଣ୍ଡପଗୁଡ଼ିକ ଅଞ୍ଚଳର ଉନ୍ନତିକରଣର ଏକ ଚିହ୍ନ ପାଲଟିଥିଲା। ହେଲେ ଏବେ ଏହି ମଣ୍ଡପଗୁଡ଼ିକ ସ୍ଥାନୀୟ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ପ୍ରତ୍ୟେକଦିନ ଏକାଧିକ ମଣ୍ଡପରେ କିଛି ନା କିଛି ବିବାହ, ବ୍ରତ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁଛି। ଅଧିକାଂଶ କଲ୍ୟାଣ ମଣ୍ଡପର ପାର୍କିଂ ନ ଥିବାରୁ ରାସ୍ତା ଉପରେ ଅବାଧ ବେଆଇନ ପାର୍କିଂ ହେଉଛି। ଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଜାମ୍ ହୋଇଯାଉଛି। ସନ୍ଧ୍ୟାରେ ପରିସ୍ଥିତି ଏମିତି ହେଉଛି ଯେ, ଗହଳି ଯୋଗୁଁ ଆମ୍ବୁଲାନ୍ସ ଓ ସ୍କୁଲ୍ ବସ୍ ଦୀର୍ଘ ସମୟ ଧରି ଫସି ରହୁଛି। ବିବାହ ପଟୁଆର୍ ଯୋଗୁଁ ଲୋକେ ଘଣ୍ଟା ଘଣ୍ଟା ଧରି ରାସ୍ତା ଛିଡ଼ା ହୋଇ ରହୁଛନ୍ତି। ଏଭଳି ସମସ୍ୟା ଯୋଗୁଁ ଜୟଦେବ ନିର୍ବାଚନ ମଣ୍ଡଳୀର ୩୨ପଞ୍ଚାୟତର ଲୋକେ କଲବଲ ହେଉଛନ୍ତି।

ତେବେ କିଛି ମଣ୍ଡପ ବିଏମ୍‌ସିର ଉପାନ୍ତରେ ଥିଲା ବେଳେ ଅଧିକାଂଶ ମଣ୍ଡପ ପଞ୍ଚାୟତ ଅଞ୍ଚଳରେ ରହୁଛି। ଫଳରେ ଏମାନେ କ'ଣ କରୁଛନ୍ତି। ସ୍ୱଚ୍ଛତା ନିୟମ ପାଳନ କରୁ ନ ଥିଲେ କିଏ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ଏହି ଅଞ୍ଚଳର ଅଧିକାଂଶ ମଣ୍ଡପଗୁଡ଼ିକ ସ୍ୱଚ୍ଛତା ନିୟମକୁ ଖୋଲାଖୋଲି ଭାବେ ହେୟଜ୍ଞାନ କରୁଛନ୍ତି। ବଳକା ଖାଦ୍ୟକୁ ରାସ୍ତାକଡ଼ରେ ଫୋପାଡ଼ି ଦେଉଛନ୍ତି। ଗୋରୁ ଏବଂ ଅନ୍ୟାନ୍ୟ ଜୀବଜନ୍ତୁ ଏହାକୁ ଖାଇ ବେମାର ହୋଇଯାଉଛନ୍ତି। ସେହିପରି ଖାଦ୍ୟ ପଚି ଦୁର୍ଗନ୍ଧ ହେଉଛି। ଲୋକେ ଯିବା ଆସିବା କରିବା ସମ୍ଭବ ହେଉନାହିଁ। ଏସବୁ ପରେ ବି କଲ୍ୟାଣମଣ୍ଡପ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି।

ତେବେ ଏଭଳି ସମସ୍ୟା ଯୋଗୁଁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ମଣ୍ଡପ ବିରୋଧରେ ଏକାଠି ହେଲେଣି। କିଛିଦିନ ତଳେ ବାସୁଆଘାଇ ମନ୍ଦିର ପ୍ରାଗଣରେ ଜୟଦେବ ନିର୍ବାଚନ ମଣ୍ଡଳୀର ୧୨ ପଞ୍ଚାୟତର ମୁରବୀମାନେ ଏକାଠି ହୋଇ ରାସ୍ତା ଚଉଡା କରିବା ସହ ପାର୍କିଂ ନ ଥିବା ମଣ୍ଡପଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ୨୯ ଫେବ୍ରୁଆରୀ ମଧ୍ୟରେ ଜିଲ୍ଲା ପ୍ରଶାସନ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ତତ୍ପରତା ନ ଦେଖାଇବାକୁ ଆଗାମୀ ଶିବରାତ୍ରି ପରେ ଲୋକେ ଟଙ୍କପାଣିରୋଡ ସାଇବାବା ମନ୍ଦିର ରାସ୍ତାକୁ ଅବରୋଧ କରି ବିରୋଧ ପ୍ରଦର୍ଶନ କରିବେ ବୋଲି ବାଙ୍କୁଆଳ ଗ୍ରାମ କମିଟିର ସଭାପତି କବିରାଜ ସ୍ୱାଇଁ କହିଛନ୍ତି।

## ଜୀବନର କେତେ ରଙ୍ଗ



### ବୟସ ମାନିଛି ହାର୍

ଭୁବନେଶ୍ୱର, ୩।୩ (ସମିସ): ଚାଳ ଛପର ଘର। କାନ୍ଥରେ ଚୁଲି ଧୂଆଁର କଳା ଆଉ ବହଳ ପରଶ। ପ୍ରତିକୂଳ ପରିସ୍ଥିତି ଓ ବଢ଼ିଚାଲିଥିବା ବୟସ ସତ୍ତ୍ୱେ ନିଜେ କାମ କରି ପେଟ ପୋଷିବା ଭୁଲିନାହାନ୍ତି ରମ୍ଭା ସ୍ୱାଇଁ ଓ ଦୁର୍ଯ୍ୟୋଧନ ସ୍ୱାଇଁ। ଦୁର୍ଯ୍ୟୋଧନଙ୍କ ବୟସ ୭୭ରେ ପହଞ୍ଚିଲାବେଳେ ରମ୍ଭାଙ୍କ ବୟସ ମଧ୍ୟ ୭୦ ଛୁଇଁଲାଣି। ତଥାପି ପରିଣତ ବୟସ ଓ ଅସୁସ୍ଥ ଶରୀର ତାଙ୍କ ଆତ୍ମବିଶ୍ୱାସ ଆଗରେ ହାର୍ ମାନିଛି। ରାଜଧାନୀରେ ଏପରି ଏକ ହୋଟେଲ ରହିଛି ଯେଉଁଠି ଲୋକଙ୍କୁ ଖୁବ କମ୍ ମୂଲ୍ୟରେ ଖାଇବା ମିଳିଯାଉଛି। ସାଧାରଣ ଲୋକଙ୍କ ପାଇଁ ମାତ୍ର ୨୦ଟଙ୍କାରୁ ଏଠାରେ ଖାଇବା ଥାଳି ମିଳୁଛି। ଯେଉଁଥିରେ ଜଣେ ମନଭରି ଖାଇପାରିବ। ଦୀର୍ଘ ୫୦ ବର୍ଷଧରି ଏହି ହୋଟେଲ ଚଲେଇ ଆସୁଛନ୍ତି ଏହି ବୃଦ୍ଧ ଦମ୍ପତି। ରାମ ମନ୍ଦିରଛକରୁ ସତ୍ୟନଗରଆଡ଼କୁ ଯିବା ବାଟରେ ପଡ଼େ କେନ୍ଦ୍ରୀୟ ବିଦ୍ୟାଳୟ। କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ରହିଛି ଏହି ହୋଟେଲ। ଯେଉଁଠି ପ୍ରତିଦିନ ଏହି ମଉସା ଓ ମାଉସୀ ହସ ହସ ମୁହଁ ସହ କ'ଣ ଦେବି କହି ପରଷି ଦିଅନ୍ତି ଦୁଇ ବେଳାର ଖାଇବା। ଖରାଦିନ ଆସୁଥିବାରୁ ଏଠାରେ ପଖାଳ ମଧ୍ୟ ଦିଆଯାଉଛି। ବିଭିନ୍ନ ଖାଦ୍ୟ ଥିଲେ ମଧ୍ୟ ଜଣେ ସାଧାରଣ ଲୋକ କିପରି ତା ପାରିଶ୍ରମିକ ମୂଳରେ ଖୁବ କମ୍ ଟଙ୍କାରେ ଖାଇପାରିବ ସେହିଭଳି ରହିଛି ଦାମ୍। ଘରର ପରିସ୍ଥିତି କେବେ ଏହି ଦମ୍ପତିଙ୍କୁ ଭାଙ୍ଗି ଦେଇନି। ପ୍ରାପ୍ୟ କମ୍ ମିଳିଲେ ମଧ୍ୟ ସେହି ଦୁଇ ପଇସାରେ ଗୋଟେ ଗରିବ ଲୋକ କେମିତି ଶାନ୍ତିରେ ଖାଇପାରିବ ତାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି ସେମାନେ। ଖାଇବାର ସ୍ୱାଦ ମଧ୍ୟ ଏଠି ଘର ଖାଇବା ପରି ହୋଇଥିବା କଥା କୁହନ୍ତି ଏଠିକି ଆସୁଥିବା ଗ୍ରାହକ। ସେଥିପାଇଁ ପ୍ରତ୍ୟେକଦିନ ଏଠି ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳେ। ବିଭିନ୍ନ ଆମିଷ ତରକାରୀଠୁ ନିରାମିଷ ସମସ୍ତ ଖାଦ୍ୟର ମୂଲ୍ୟ ଅନ୍ୟ ହୋଟେଲ୍ ତୁଳନାରେ କମ୍ ରହିଛି ବୋଲି କୁହନ୍ତି ଗ୍ରାହକ। ଏ ନେଇ ଦୁର୍ଯ୍ୟୋଧନ ମଉସା କୁହନ୍ତି ଜଣେ ଗରିବ ଲୋକ କିପରି ଶାନ୍ତିରେ ଭାତ ଥାଳିଟିଏ କିଣି ଖାଇ ପାରିବ ସେଥିପାଇଁ ତାଙ୍କ ହୋଟେଲ ଖାଇବାର ଖୁବ କମ ମୂଲ୍ୟ ରଖିଛନ୍ତି।

-ସମ୍ପୂର୍ଣ୍ଣା

## ବିଏମ୍‌ସିର ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ୧୭ ଆଇଏଏସ୍



ଭୁବନେଶ୍ୱର, ୩।୩(ସମିସ): ବିଭିନ୍ନ ରାଜ୍ୟ ପାଇଁ ଭୁବନେଶ୍ୱର ମହାନଗର ନିଗମ ଏବେ ରୋଲ୍ ମଡେଲ ହୋଇଛି। ନିକଟରେ କେରଳ, ଆସାମ ପ୍ରଭୃତି ରାଜ୍ୟର ବିଭିନ୍ନ ମହାନଗର ନିଗମକୁ ନିର୍ବାଚିତ ପ୍ରତିନିଧିଙ୍କ ସହ ବରିଷ୍ଠ ଅଧିକାରୀମାନେ ଆସି କାର୍ଯ୍ୟପ୍ରଣାଳୀ ଦେଖି ଉଚ୍ଚ ପ୍ରଶଂସା କରିଯାଇଛନ୍ତି। ଏବେ ଭୁବନେଶ୍ୱରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି ମସୁରୀସ୍ଥିତ 'ଭାରତ ସରକାରଙ୍କ ଲାଲ ବାହାଦୁରଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ'ର ୧୭ ଜଣ ଆଇଏଏସ ଅଫିସର୍। ଷ୍ଟଡି ଟୁର୍‌ରେ ଆସିଥିବା ବିଭିନ୍ନ ବିଭାଗର ଏହି ଅଧିକାରୀମାନେ ବିଏମ୍‌ସି ଅଞ୍ଚଳରେ ହୋଇଥିବା ରୂପାନ୍ତରଣ କାମ ବୁଲି ଦେଖିଛନ୍ତି। ଓଡ଼ିଶାରେ ବିଶେଷକରି ବିଏମ୍‌ସି ଅଞ୍ଚଳରେ ଜାଗା ମିଶନ, ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ୍ ଏବଂ ରୂପାନ୍ତରଣ କାମ ବୁଲି ଦେଖିଛନ୍ତି। ଏହି ଅଧିକାରୀମାନେ ରବିବାର ବିଏମ୍‌ସି ଅଞ୍ଚଳରେ ହୋଇଥିବା ବିଭିନ୍ନ ପାର୍କ, ଖେଳପଡ଼ିଆ, କଞ୍ଜରଭନ୍ସି ଲେନ୍, ଚଲାପଥ, ଟଏଲେଟ୍, ମୁକ୍ତାକାଶ ଜିମ୍ ଆଦି ବିଭିନ୍ନ ଉନ୍ନୟନମୂଳକ କାମ ଦେଖିବା ସହ ମା ମଙ୍ଗଳା ବିଜୁ ଆଦର୍ଶ କଲୋନୀ ଯାଇ ସେଠାରେ ରୂପାନ୍ତରଣରେ ହୋଇଥିବା ବିଭିନ୍ନ କାମ ଦେଖିଥିଲେ। ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଲୋକମାନଙ୍କଠାରୁ ପଚାରି ବୁଝିଥିଲେ। ପରେ ସେମାନେ ୨୪ଘଣ୍ଟିଆ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବ୍ୟବସ୍ଥା ବୁଲି ଦେଖିଥିଲେ। ୱାଟ୍‌କୋ ଦ୍ୱାରା ପରିଚାଳିତ ଏହି ବ୍ୟବସ୍ଥା ଦେଖି ଖୁସି ବ୍ୟକ୍ତ କରିବା ସହ ବିଏମ୍‌ସିର ଏହି ସବୁ କାମ ଦେଖି ବରିଷ୍ଠ ଆଇଏଏସ ଅଫିସରମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

## ଏକାମ୍ର ଭିଲ୍ଲାରେ 'ମୋ ଅଙ୍ଗନବାଡ଼ି କେନ୍ଦ୍ର'

ଭୁବନେଶ୍ୱର, ୩।୩(ସମିସ): ବିଏମ୍‌ସିର ୧୫ ନମ୍ବର ୱାର୍ଡ ଏକାମ୍ର ଭିଲ୍ଲାରେ ଶନିବାର ମୋ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟର ପିଙ୍କି ସ୍ୱାଇଁ, ଯୁବନେତା ଅଶୋକ ରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ 'ମୁକ୍ତା' ଯୋଜନାରେ ମଧ୍ୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା।





## ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନବକଳେବର

### ଅଦ୍ଭୁତ, ଅନନ୍ୟ, ଅବର୍ଣ୍ଣନୀୟ

ଭୁବନେଶ୍ୱର, ୩।୩ (ସମିସ): ପ୍ରଥମେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ କହିଲେ ଲୋକଙ୍କ ମନକୁ ମନେପଡ଼େ ଖାଲଖମା, ମାଟିକାଦୁଅ, ପଚା ଆବର୍ଜନା ଓ ଦୁର୍ଗନ୍ଧ କଥା ମନକୁ ଚାଲି ଆସୁଥିଲା। ବସ୍ ରହଣିଠୁ ଯାତ୍ରୀଙ୍କ ରହଣି ଓ ଶୌଚାଳୟର କୌଣସି ବ୍ୟବସ୍ଥା ନ ଥିଲା। ହେଲେ ଏବେ ବଦଳିଛି ତା ଚେହେରା। ଚେହେରା ବଦଳିବା ସହ ବସ୍‌ଷ୍ଟାଣ୍ଡର ନାମକରଣ ବି ପରିବର୍ତ୍ତନ ହୋଇ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ କରାଯାଇ ବାବା ସାହେବ ଭୀମରାଓ ଆମ୍ବେଦକର ବସ ଟର୍ମିନାଲ ରଖାଯାଇଛି। ମୋଟାମୋଟି କହିଲେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏକ ନୂଆ ପରିଚୟ ପାଇଛି। ସମସ୍ତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଏଠାରେ ଉପଲବ୍ଧ ହେଉଛି। ଯଦିବା ବସ୍‌ଷ୍ଟାଣ୍ଡ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ କିନ୍ତୁ ବସଷ୍ଟାଣ୍ଡ ଭିତରେ ଥିବା ସମସ୍ତ ସୁବିଧା ସୁଯୋଗ ବୁଲି ଦେଖିବା ପାଇଁ ଲୋକଙ୍କ ଭିଡ଼ ହେଉଛି। ଏଠାରେ ଯାତ୍ରୀଙ୍କ ପାଇଁ ଲିଫ୍ଟର ସୁବିଧା, ରହଣିଠୁ ଆରମ୍ଭକରି ଶୌଚାଳୟ, ପାର୍କ, ପିଲାଙ୍କ ପାଇଁ ଗେମ୍ ଜୋନ୍, ଖାଇବା ପାଇଁ ଆହାର କେନ୍ଦ୍ର, ମିଲେଟ କାଫେ, ମେଡିକାଲ ସେବା, ପାର୍କିଂ ସୁବିଧା ଆଦି ସମସ୍ତ ବ୍ୟବସ୍ଥା ରହିଛି। ସମୟ କାଟିବା ସହ କିଛି ନୂଆ ଜାଣିବା ପାଇଁ ବାବା ସାହେବଙ୍କର ଏକ ଗ୍ୟାଲେରୀ ମଧ୍ୟ ରହିଛି। ଯେଉଁଠି ତାଙ୍କ ଜୀବନ ଓ ଆଦର୍ଶକୁ ସୁନ୍ଦରଭାବେ ଉପସ୍ଥାପନା କରାଯାଇଛି। ପ୍ରବେଶ ପୂର୍ବରୁ ଯାତ୍ରୀଙ୍କ ବ୍ୟାଗ ମଧ୍ୟ ବ୍ୟାଗେଜ୍ କାଉଣ୍ଟରରେ ପ୍ରଥମେ ଯାଞ୍ଚ ହୋଇ ଭିତରକୁ ଛଡ଼ା ଯାଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଏ ସମ୍ପର୍କରେ ନିଜ ଅନୁଭୂତିରେ କୁହନ୍ତି ସେ ପ୍ରଥମକରି ଏପରି ବସ୍‌ଷ୍ଟାଣ୍ଡ ଦେଖୁଛନ୍ତି ଯାହାକି ତାଙ୍କୁ କୌଣସି ବିମାନ ବନ୍ଦରରୁ କମ ଲାଗୁନି।

ମୁଁ ଛତିଶଗଡ଼ରୁ ଆସିଛି। ପ୍ରଥମଥର ଏପରି ବସ୍‌ଷ୍ଟାଣ୍ଡର ଅନୁଭୂତି ନେଉଛି। ବହୁତ ଖୁସି ଲାଗିଲା। ପୂର୍ବରୁ ଯେତେବେଳେ ପୁରୁଣା ବସ୍‌ଷ୍ଟାଣ୍ଡ ଥିଲା ସେତେବେଳେ ଏଠାକୁ ଆସିଥିଲି। ହେଲେ ଏବେ ଆସିଲେ ଚିହ୍ନି ହେଉନି ବରଂ ବିମାନବନ୍ଦର ପରି ଲାଗୁଛି। ଏହା ଓଡ଼ିଶା ସରକାରଙ୍କର ଗୋଟେ ଭଲ ପଦକ୍ଷେପ।

-ରଶ୍ମି ଝା, ଛତିଶଗଡ଼

ଏପରି ବସ୍‌ଷ୍ଟାଣ୍ଡ ହୁଏତ ମୋ ଜାଣିବାରେ ଅନ୍ୟ ରାଜ୍ୟରେ ନାହିଁ। ମୁଁ ଦିଲ୍ଲୀରେ ରୁହେ ହେଲେ ଓଡ଼ିଶା ପ୍ରାୟତଃ ଆସେ। ପୂର୍ବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଏବର ବସ ଟର୍ମିନାଲ୍ ଭିତରେ ବହୁତ ଫରକ। ଏଠାରେ ଏବେ ସବୁ ସୁବିଧା ମିଳୁଛି। ବସିବା, ଖାଇବା, ପିଇବା ଏବଂ ସମୟ ବିତାଇବା ପାଇଁ ଭଲ ବ୍ୟବସ୍ଥା ରହିଛି।

-ଦୀପକ ଶର୍ମା, ଦିଲ୍ଲୀ

ମୁଁ ଦୀର୍ଘ ୪୦ ବର୍ଷଧରି ଭୁବନେଶ୍ୱରରେ ରହୁଛି, ହେଲେ ଏପରି ଏକ ବସ୍‌ଷ୍ଟାଣ୍ଡ ଭୁବନେଶ୍ୱରରେ ବି ହେଇପାରିବ ବୋଲି କେହି କଳ୍ପନା କରିପାରି ନ ଥିଲି। ମୁଁ ପୂର୍ବ ବସ୍‌ଷ୍ଟାଣ୍ଡକୁ ପ୍ରାୟତଃ ଆସେ ଆଗରୁ ଠିଆହେବା ପାଇଁ ବି ସୁବିଧା ନ ଥିଲା, ଦୁର୍ଗନ୍ଧରେ ଏଠି ଠିଆ ହୋଇ ହୁଏନି। ହେଲେ ଏବେ ସମୟ ବିତାଇବା ପାଇଁ ମଧ୍ୟ ଏକ ଭଲ ସ୍ଥାନ ଭାବେ ପରିଚିତ ହେଉଛି।

-ରାଜେଶ ପୃଷ୍ଟି, ବରମୁଣ୍ଡା

ମତେ ଏଟା ବସ୍‌ଷ୍ଟାଣ୍ଡ କମ୍, ବିମାନବନ୍ଦର ଭଳି ବେଶୀ ଲାଗୁଛି। କେବେ ଭାବି ନ ଥିଲି ଏମିତି ବି ଏକ ନୂଆରୂପ ପାଇବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ। ଏଠି ପାର୍କିଂଠାରୁ ଖାଇବା, ପିଇବା, ବିଶ୍ରାମ କରିବା ସବୁ ସୁବିଧା ମିଳୁଛି। ବର୍ତ୍ତମାନ ଦୂରରୁ ଆସୁଥିବା ଯାତ୍ରୀଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି ଭାବୁଛି। ଏପରି ସୁବିଧା କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଇବି।

-ସାବିତ୍ରୀ ପଟ୍ଟନାୟକ, କେଉଁଝର

ମୁଁ ଦୀର୍ଘଦିନରୁ ଏଠି ବସ୍ ଚଲଉଛି। ହେଲେ ବରମୁଣ୍ଡା ବସ ଷ୍ଟାଣ୍ଡ ଏମିତି ଏକ ରୂପ ପାଇ ପାରିବ ବୋଲି କେବେ ଭାବି ନ ଥିଲି। ଆଗରୁ ଗାଡ଼ି ଆସିବା, ରହିବାଠାରୁ ବାହାରିବା ଉପଯୁକ୍ତ ସୁବିଧା ନ ଥିଲା। ବସ୍ ଖୋଜିବାକୁ ସମୟ ଲାଗି ଯାଉଥିଲା। କିନ୍ତୁ ଏବେ ବସ୍ ରହିବାର ଠିକଣା ସହ ବିଶ୍ରାମ ନେବା, ଖାଇବା ସବୁ ସୁବିଧା ଯାତ୍ରୀଙ୍କ ସହ ଆମକୁ ବି ମିଳୁଛି।

-କୁନା ସାହୁ, ବସ୍ ଡ୍ରାଇଭର୍

ମୁଁ ଏହି ନୂଆ ବସ୍‌ଷ୍ଟାଣ୍ଡ ପାଇଁ ଗୋଟେ ଚାକିରି ପାଇଲି। ସେଥିପାଇଁ ମୁଁ ବେଶୀ ଖୁସି। ମୁଁ ଏଠାରେ ସଫେଇ କାମ କରେ। ପୂର୍ବରୁ ମୁଁ ମଧ୍ୟ ଏହି ବସ୍‌ଷ୍ଟାଣ୍ଡକୁ ଆସିଛି, ହେଲେ ଏମିତି ଅବସ୍ଥାରେ ଥିଲା ଯାହା ନ କହିବା ଭଲ। ପୂର୍ବରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ କହିଲେ ଆମେ ଅଳିଆ ଓ ଦୁର୍ଗନ୍ଧରେ ଫାଟି ପଡୁଥିବା ସ୍ଥାନ ବୋଲି ବୁଝିବାକୁ ପଡୁଥିଲା। ହେଲେ ବର୍ତ୍ତମାନ ଏପରି ଚିନ୍ତାଧାରା ସମ୍ପୂର୍ଣ୍ଣ ବଦଳିଛି। ଏଠି କାମ କରି ବହୁତ ଖୁସି ଲାଗୁଛି।

-ତ୍ରିଲୋଚନ ବେହେରା, ସଫେଇ କର୍ମଚାରୀ












## ଶ୍ରଦ୍ଧାଳୁ ବେଶରେ ଲେଡି ଲୁଟେରା

ଭୁବନେଶ୍ୱର, ୩।୩ (ସମିସ): ଠାକୁର ନିଗମାନନ୍ଦ ଆଶ୍ରମରେ ବାର୍ଷିକ ଉତ୍ସବ ଚାଲିଥିବା ସମୟରେ ମାତିଲେ ଲୁଟେରା। ଭିଡ଼ ଭିତରେ ପଶି ଶ୍ରଦ୍ଧାଳୁଙ୍କ ସୁନାଚେନ୍ ଲୁଟ୍‌ପାଟ୍ ହୋଇଛି। ୩ଜଣ ଶ୍ରଦ୍ଧାଳୁଙ୍କ ସୁନାଚେନ୍ ଲୁଟିନେଇଛନ୍ତି ଲୁଟେରା ଗ୍ୟାଙ୍ଗ୍। ଏହି ଲୁଟ୍ ପଛରେ ମହିଳା ଲୁଟେରାଙ୍କ ହାତ ରହିଛି। ସୁନାଚେନ୍ ଲୁଟ୍ କରି ଚମ୍ପଟ ମରିବା ବେଳେ ସ୍ଥାନୀୟ ଲୋକେ ମାଡ଼ି ବସିଲେ। ଲୁଟ୍ କରିଥିବା ମହିଳାଙ୍କୁ କାବୁ କରି ଖାରବେଳ ନଗର ପୁଲିସକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ନନ୍ଦନକାନନ, ୩।୩ (ସମିସ): ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଓ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ୭ମ ବାର୍ଷିକ କଲ୍ୟାଣପୁର ସ୍ୱସ୍ତିବନ ସତସଙ୍ଗ କେନ୍ଦ୍ର ଶୁଭଆଗମନ ସ୍ମୃତି ଉତ୍ସବ ରବିବାର ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଥାରୁଢ଼ ଶ୍ରୀଶ୍ରୀଠାକୁରଙ୍କ ନଗର କୀର୍ତ୍ତନ ପରିକ୍ରମା, ସମବେତ ସନ୍ଧ୍ୟାବିନତି ପ୍ରାର୍ଥନା, ସଙ୍ଗୀତାଞ୍ଜଳି, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଆତସବାଜି ପ୍ରଦର୍ଶନ କରାଯାଇଛି। ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହ ଭକ୍ତ ଯୋଗ ଦେଇଥିଲେ। କୁମୁଦଚନ୍ଦ୍ର ପ୍ରଧାନ, ରାଜେଶ ଖଣ୍ଡେଲୱାଲ୍, ଉମାକାନ୍ତ ସାହୁ, କୈଳାସ ଚନ୍ଦ୍ର ବେହେରା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ସତସଙ୍ଗ ଆଚାର୍ଯ୍ୟ ପରମ୍ପରା ଉପରେ ଆଲୋଚନା ରଖିଥିଲେ। ଦେବେନ୍ଦ୍ର ରାଉତ ପ୍ରାରମ୍ଭିକ ଆଲୋଚନା ରଖିଥିଲା ବେଳେ କୈଳାସ ବେହେରା ସମାପନୀ ଉଦ୍‌ବୋଧନ ଦେଇଥିଲେ।

## ମହିଳା ଚାଷୀଙ୍କୁ କ୍ଷୁଦ୍ର ଉପକରଣ ବଣ୍ଟନ

ବାଲିପାଟଣା, ୩।୩(ସମିସ): କୃଷିରତ ମହିଳା ସଂସ୍ଥାନ ତରଫରୁ ମାହିରା ଏଫ୍‌ପିଓ ମାଧ୍ୟମରେ ଶ୍ରୀରାମପୁର ଗ୍ରାମରେ 'ଅନୁସୂଚିତ ଜାତି ଉପ ଯୋଜନା' ମହିଳା ଚାଷୀମାନଙ୍କ ମଧ୍ୟରେ ଛୋଟ ଉପକରଣ ପ୍ରଦର୍ଶନ ଓ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୬୫ରୁ ଅଧିକ କୃଷିଜୀବୀ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିୱା ପ୍ରଧାନ ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ, ସିୱାର ସିନିଅର୍ ଟେକ୍‌ନିକାଲ ଅଫିସର୍ ଡଃ ଦେବେନ୍ଦ୍ର ନାଥ ଷଡ଼ଙ୍ଗୀ, କୃଷିଜୀବୀ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ସିୱାର ୟଙ୍ଗ ପ୍ରଫେସ୍‌ନାଲ ଗୌତମ ପରିଡ଼ା ଉପକରଣ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାହିରାର ଏଫପିଓ ଅଧ୍ୟକ୍ଷା କୁମୁଦିନୀ ସ୍ୱାଇଁ, ମାର୍କେଟିଂ ମ୍ୟାନେଜର୍ ନିମାଇଁ ନାୟକ, ପାଥେଶ୍ୱରୀ ଏଫ୍‌ପିଓର ଅଧ୍ୟକ୍ଷ ସୁଦର୍ଶନ ମିଶ୍ର, ନରିଶୋ ଗ୍ରାମପଞ୍ଚାୟତର ସରପଞ୍ଚ କବିତା ଭୋଇ, ସମିତି ସଭ୍ୟା ଝିଲି ଭୋଇ, ୱାର୍ଡ ସଭ୍ୟା କଳ୍ପନା ମଲ୍ଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୬୫ ମହିଳା କୃଷିଜୀବୀଙ୍କୁ ଦୁଗ୍ଧ ବ୍ୟାଗ, ଷ୍ଟିଲ ବାଲଟି, ହ୍ୱିଲ୍ ବ୍ୟାରୋ, ସ୍ପ୍ରେୟର ମେସିନ, ଜିଆଖତ ବ୍ୟାଗ, ବେଲଚା, ଆଲୁମିନିୟମ ବାକ୍ସ, ଗ୍ରାସ୍ କଟର୍, ଛେଳିଦାନା ଓ ଔଷଧ ବଣ୍ଟନ କରାଯାଇଥିଲା।

## କର୍ମଚାରୀ ନେତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୩ (ସମିସ): କର୍ମଚାରୀ ନେତା ଗଗନ ଭଞ୍ଜଙ୍କୁ ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସହ ସହବନ୍ଧିତ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅବକାଶରେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ନେତା କୃଷ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ରନାଥ ଦାସ, ଗଙ୍ଗାଧର ସ୍ୱାଇଁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଓଡ଼ିଶା ପୂର୍ବ ସଂଗଠନ ତରଫରୁ ଭାଗ୍ୟରଥି ପଟ୍ଟନାୟକ, ନିରଞ୍ଜନ ବାହିନୀପତି, ବିଜୟ ଦାସ, ସରୋଜ ଦାସ, ଶତ୍ରୁଘ୍ନ ଲେଙ୍କା, ରଘୁନାଥ ସାହୁ, ଗାୟତ୍ରୀ ପ୍ରସନ୍ନ ତ୍ରିପାଠୀ, ଖୁଦିରାମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉଚ୍ଚଶିକ୍ଷିତଙ୍କୁ ଟିକଟ୍ ଦେବ କଳିଙ୍ଗସେନା

ଭୁବନେଶ୍ୱର, ୩।୩(ସମିସ): ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି କଳିଙ୍ଗ ସେନା ତାହାର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛି। ସାଂଗଠନିକ ସ୍ଥିତି ସଂକ୍ରାନ୍ତରେ ସେନା ସୁପ୍ରିମୋ ହେମନ୍ତ ରଥ ଜିଲ୍ଲା ଓ ବ୍ଲକସ୍ତରରୁ ଆସିଥିବା କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କଳିଙ୍ଗ ସେନା ଆଗାମୀ ନିର୍ବାଚନରେ ରାଜ୍ୟର ସମସ୍ତ ବିଧାନସଭା ଓ ଲୋକସଭା କ୍ଷେତ୍ରରେ ପ୍ରାର୍ଥୀ ଦେବ। ପ୍ରାର୍ଥୀ ଚୟନ କ୍ଷେତ୍ରରେ ଅଧିକରୁ ଅଧିକ ସଂଖ୍ୟାରେ ଉଚ୍ଚଶିକ୍ଷିତ ତଥା ବୈଷୟିକ ଡିଗ୍ରୀଧାରୀ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଶ୍ରୀ ରଥ ଗଣମାଧ୍ୟମକୁ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିଜୟ ରାଜ୍, ଅବଦୁଲ କୟୁମ୍ ଖାନ, ହେମନ୍ତ ସିଂହ, ରାଜ୍ୟ ସାଧାରଣ ସମ୍ପାଦକ ଇଂ. ମନୋଜ ନାୟକ, ଗୌରାଙ୍ଗ ପ୍ରଧାନ, ଇଂ.ସ୍ୱାତୀଶ ରଞ୍ଜନ ସାହୁ, ଇଂ. ଗୁଣମଣି ମହାନ୍ତି, ନରହରି ସାହୁ, ସିଦ୍ଧାର୍ଥ ଦାସ, ସମ୍ପାଦକ ରଞ୍ଜିତ ପ୍ରଧାନ, ପ୍ରଫୁଲ୍ଲ ପରିଡ଼ା, ମୋନାଲିସା ବିଶ୍ୱାଳ, ବିକ୍ରମ ପ୍ରଧାନ ଯୋଗଦେଇଥିଲେ।



## ରାଜଧାନୀରେ 'ପଲ୍ସ ପୋଲିଓ'

## ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁରକ୍ଷା କଡ଼ାକଡ଼ି

### ଜଗିବେ ୧୨ ପ୍ଲାଟୁନ୍ ପୁଲିସ ଫୋର୍ସ

ଭୁବନେଶ୍ୱର, ୩।୩(ସମିସ): ଆସନ୍ତା ୫ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ମୋଦି ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇବା ପରେ ଏକ ସ୍ୱତନ୍ତ୍ର ବିମାନରେ ଯାଜପୁର ଗସ୍ତ କରିବେ। ଏୟାରପୋର୍ଟର ସୁରକ୍ଷା ସହ ଚାରିପଟେ ସୁରକ୍ଷାକୁ ବଢ଼ାଇ ଦେଇଛି କମିସନରେଟ୍ ପୁଲିସ। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ରଖି ୧୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏସପିଜିଙ୍କ ସହ ସୁରକ୍ଷା ସଂକ୍ରାନ୍ତୀୟ ସମସ୍ତ ବିଭାଗ ସହିତ ସମସ୍ତ ଆଲୋଚନା ଚାଲିଛି। ବିମାନବନ୍ଦର ଓ ରାଜଭବନକୁ ହାଇ ସିକ୍ୟୁରିଟ ଜୋନରେ ରଖାଯାଇଛି। ବିମାନବନ୍ଦରର ଆଖପାଖ ଅଞ୍ଚଳରେ ବହୁ ତଳ ପ୍ରସାଦ ଉପରେ ନଜର ରଖାଯାଇଛି। ସେମାନଙ୍କ ପରିଚୟ ପତ୍ର ଓ ତଥ୍ୟ ପୁଲିସ୍ ନିକଟରେ ରହିବ। ଯଦି ଆବଶ୍ୟକ ପଡେ ପ୍ରଧାନମନ୍ତ୍ରୀ ମୋଦି ରାଜଭବନ ଆସିପାରନ୍ତି, ତେବେ ସେନେଇ କମିସନରେଟ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଅରବିନ୍ଦ ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩।୩(ସମିସ): ଅରବିନ୍ଦ ଜ୍ଞାନ ମନ୍ଦିରର ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଇଂ ସୁବାସ ଚନ୍ଦ୍ର କର, ସମ୍ମାନିତ ଅତିଥିଭାବେ ଓଡ଼ିଶା ମତ୍ସ୍ୟ ନିଗମର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ମେୟର ସୁଲୋଚନା ଦାସ, ଶିକ୍ଷାବିତ୍ ଜୟଶ୍ରୀବାଳା ମଲ୍ଲିକ, ବିଦ୍ୟାଳୟର ସଭାପତି ପ୍ରତିମା ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗ ଦେଇ ବସ୍ତି ଅଞ୍ଚଳରେ ଏଭଳି ଏକ ପ୍ରୟାସ ପାଇଁ ଅନୁଷ୍ଠାନର ପ୍ରଶଂସା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ମହେଶ୍ୱର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବି

ଭୁବନେଶ୍ୱର,୩।୩(ସମିସ): ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ ୩ ଦଫା ଦାବି ନେଇ ଓଡ଼ିଶା ଡିଜିଟାଲ୍ ମିଡିଆ ଆସୋସିଏସନ୍ (ଓଡମା) ର ଏକ ବୈଠକ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା, ବାସଗୃହ ଓ ସାମ୍ବାଦିକଙ୍କ ସୁରକ୍ଷା ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି ତୁଷାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିହାର ରଞ୍ଜନ ପଣ୍ଡା, ଉପସଭାପତି ସୁକାନ୍ତ ମହାନ୍ତି ଓ ଭୁବନେଶ୍ୱର ଜିଲ୍ଲା ସଭାପତି ସୁନାକର ଦାସ ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲାରୁ କର୍ମକର୍ତ୍ତାମାନେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ସଂକ୍ରାନ୍ତୀୟ ଦାବି ପୂରଣ ପାଇଁ ସଂଗଠନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

## ଦିବ୍ୟାଙ୍ଗଙ୍କୁ କ୍ୟାପିଟାଲ୍ ହାଇସ୍କୁଲ୍-୮୨ର ସହାୟତା

ଭୁବନେଶ୍ୱର, ୩।୩(ସମିସ): ରେଡ୍‌କ୍ରସ ଭବନଠାରେ କ୍ୟାପିଟାଲ୍ ହାଇସ୍କୁଲ ୮୨ ବ୍ୟାଚ୍‌ର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇଜଣ ଶ୍ରୁତିବାଧିତ ଛାତ୍ରଛାତ୍ରୀଙ୍କୁ ଶ୍ରବଣଯନ୍ତ୍ର, ୫ ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ଚଳନ ସହାୟକ ବାଡ଼ି ଓ ଆଲିମ୍‌କୋ ତରଫରୁ ବ୍ରେଲି କିଟ୍ ପ୍ରଦାନ କରାଯାଇଥିଲା। ଏଥି ସହିତ ଦୁଇଜଣ କ୍ୟାନ୍‌ସର ପୀଡ଼ିତଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଜୟଶଙ୍କର ପଣ୍ଡା, ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅମ୍ବିକା ସାହୁ ଏହି ସହାୟତା ପ୍ରଦାନ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଅବସ୍ଥାପିତ ଶତାଧିକ ବନ୍ଧୁ ଏକତ୍ରିତ ହୋଇ ଅତୀତର ସ୍ମୃତିଚାରଣ ସହ ଭବିଷ୍ୟତରେ ଏପରି ସମାଜସେବାମୂଳକ କାର୍ଯ୍ୟରେ ଅଧିକ ମାତ୍ରାରେ ସଂଲିପ୍ତ ରହିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ପ୍ରକାଶଯୋଗ୍ୟ ଯେ ୮୨ ବ୍ୟାଚ୍‌ର ବନ୍ଧୁମାନେ ବିଭିନ୍ନସ୍ତରରେ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂପୃକ୍ତ ରହିଛନ୍ତି। ଆଲିମ୍‌କୋ ସଂଗଠନ ଦୀର୍ଘବର୍ଷ ଧରି ଭିନ୍ନକ୍ଷମଙ୍କ ସାମାଜିକ ଉତ୍‌ଥାନ ନିମନ୍ତେ ନିରନ୍ତର ପ୍ରୟାସ ଜାରିରଖିଛି। ବିଭିନ୍ନ ସଂଗଠନଗୁଡ଼ିକୁ ଏକତ୍ରିତ କରି ସମାଜର ବୃହତ୍ତର କଲ୍ୟାଣ ଉଦ୍ଦେଶ୍ୟରେ ଏକ ସାମୂହିକ ପ୍ରୟାସ ଜାରି ରଖିବାକୁ ସମସ୍ତ ବନ୍ଧୁ ଏକମତ ହେବା ସହ ଏ ଦିଗରେ ବିଦ୍ଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ପ୍ରଦୀପ୍ତ କୁମାର ମହାପାତ୍ର, ତାପସ ମହାନ୍ତି, ଅଜିତ୍ ପଟ୍ଟନାୟକ ଓ ଅଜୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ୨୦୨୪ ତୃତୀୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩।୩ (ସମିସ): ଓଡ଼ିଶା ମ୍ୟୁଜିକ ହେରିଟେଜ୍ ୨୦୨୪ ତୃତୀୟ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶୀ ସଙ୍ଗୀତ ଓ ଗୀତଗୋବିନ୍ଦ, ପୁରାତନ ଭଜନ, ଜଣାଣ, ଛାନ୍ଦ, ଚମ୍ପୁ, ନାଟ୍ୟାଙ୍ଗ, ଭାବାଙ୍ଗ ଆଦି ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ନାଟ୍ୟବିତ୍ ଦୋଳ ଗୋବିନ୍ଦ ରଥ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ କେଶବ ଚନ୍ଦ୍ର ରାଓ, ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍‌ର ଅଧ୍ୟକ୍ଷ ବିବେକାନନ୍ଦ ରାଓ, କଥାକାର ବିନୋଦ ବିହାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ଧୀରେନ୍ଦ୍ର ନାଥ ବେହେରା, ଗୁରୁ ଉମେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରବି ସ୍ୱାଇଁଙ୍କୁ 'ସୁକୁବିନା ସ୍ରଷ୍ଟା ସ୍ମାରକୀ' ସମ୍ମାନ

ଭୁବନେଶ୍ୱର,୩।୩(ସମିସ):'ସୁକୁବିନା ସ୍ରଷ୍ଟା ସ୍ମାରକୀ ଟ୍ରଷ୍ଟ' ପକ୍ଷରୁ ୩ୟ 'ସୁକୁବିନା ସ୍ରଷ୍ଟା ସ୍ମାରକୀ' ପୁରସ୍କାର ରବିବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟିକ ବିଭୂତି ପଟ୍ଟନାୟକ କହିଥିଲେ, ୫ମ, ୬ଷ୍ଠ ଦଶକରେ ଆକର୍ଷଣୀୟ ଗଳ୍ପ ଲେଖିବା ଲେଖକଙ୍କ ମୂଳ ଲକ୍ଷ୍ୟ ଥିଲା। ପରେ ଗଳ୍ପ ପାଠକକୁ ପ୍ରଭାବିତ କରିବା ପାଇଁ ଲେଖାଗଲା। ଏବେ ଓଡ଼ିଆ ଗଳ୍ପ ଗୋଟିଏ ସନ୍ଧିକ୍ଷଣ ଦେଇ ଗତି କରୁଛି। ହେଲେ ପାଠକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗଳ୍ପ ଲେଖା ନ ଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅବସରରେ ରବି ସ୍ୱାଇଁଙ୍କୁ ୩ୟ 'ସୁକୁବିନା ସ୍ରଷ୍ଟା ସ୍ମାରକୀ' ପ୍ରଦାନ କରାଯାଇଥିଲା। ଏଥିପାଇଁ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶ୍ରୀ ସ୍ୱାଇଁ ନିଜ ଅଭିଭାଷଣରେ କହିଥିଲେ, ଯେଉଁମାନେ ଜାପାନୀ ବାବୁଙ୍କୁ ଭଲ ପାଉଥିଲେ, ସେ ଛାଡ଼ି ଯାଇଥିବା କଥାକୁ ଆଗକୁ ନେବା ଆବଶ୍ୟକ। କାର୍ଯ୍ୟକ୍ରମରେ ସାହିତ୍ୟିକ ଦାଶ ବେନହୁର ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟି ପ୍ରଦୀପ ବିଶ୍ୱାଳ ଲେଖକ ରବି ସ୍ୱାଇଁଙ୍କ ପରିଚୟ ପାଠ କରିଥିଲେ। ସାହିତ୍ୟିକ ଗୌରହରି ଦାସ ବିଭୂତି ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ପୁରବୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଜିତେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ସାଗରିକା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଟ୍ରଷ୍ଟି ବନ୍ଦନା ନାରାୟଣ ଅତିଥିଙ୍କୁ ସମ୍ମାନିତ କରିଥିଲେ।




## 'ଚଲାପଥ'ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

ଭୁବନେଶ୍ୱର, ୩।୩(ସମିସ): 'ଚଲାପଥ'ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟନକରି ସିବିଆଇର ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ କହିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି କ୍ଷେତ୍ରରେ ଚଲାପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବେଙ୍ଗାଲୁରୁର ବିଖ୍ୟାତ ନ୍ୟୁରୋସର୍ଜନ ଡ.ପ୍ରତାପ ପାଣି, ଓଡ଼ିଶାର ବରିଷ୍ଠ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଚଲାପଥର ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି ଯୋଗ ଦେଇଥିଲେ। ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତଙ୍କ କବିତା ସଙ୍କଳନ 'ସବୁଜ ବଳୟ' ଲୋକାର୍ପିତ ହୋଇଥିଲା।

## ଏକାମ୍ରରେ ବିଜୁ ଯୁବଛାତ୍ର ସମାବେଶ



ଭୁବନେଶ୍ୱର, ୩।୩ (ସମିସ):

ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଏକାମ୍ର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର ଯୁବ-ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିବାବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ଼ ସନ୍ତୋଷ ବେଜ ଉପସ୍ଥିତ ଥିଲେ। ବିଜୁବାବୁଙ୍କ ସାହସିକତା, ନବୀନ ସରକାରଙ୍କ ସୁଶାସନ, ସ୍ୱଚ୍ଛତା ରବିବାର ଓଡ଼ିଶା ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିଛି ବୋଲି ଶ୍ରୀ ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଯୁବ ସଭାପତି ସମରେଶ ବେଉରା, ଛାତ୍ର ସଭାପତି ସୁବାସ ସାହୁ, ଜୋନ୍ ସଭାପତି ବିଜୟକେତନ୍ ସାହୁ, ଛାତ୍ର ସଭାପତି ଭଗବାନ ସାହୁ, ଏକାମ୍ର ଯୁବ ସଭାପତି ରାଜେଶ ପାତ୍ର, ବିନୋଦ ରାଉତରାୟ, ରାଜ୍ୟ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ସୂର୍ଯ୍ୟ ନାରାୟଣ ଜେନା, ମହାସଚିବ ଇପ୍ସିତା ସାହୁ, ଅଜିତ୍ ବେହେରା, ସେଖ୍ ଅମିର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସୁଜିତ୍ ସ୍ୱାଇଁ, ଶିବ ପ୍ରସାଦ ମହାପାତ୍ର ଏବଂ ସମସ୍ତ କର୍ପୋରେଟର୍, ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ କର୍ପୋରେଟର, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ରୁଦ୍ର ସାମନ୍ତରାୟଙ୍କ 'ସମ୍ପର୍କ'ରେ ଭିଡ଼

ଭୁବନେଶ୍ୱର, ୩।୩(ସମିସ): 'ଜୟ ଓଡ଼ିଶା' ଅଧ୍ୟକ୍ଷ ତଥା 'ଓଡ଼ିଶା-ମୋ ପରିବାର'ର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ପକ୍ଷରୁ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବନ୍ଧୁମିଳନ କାର୍ଯ୍ୟକ୍ରମ 'ସମ୍ପର୍କ' ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ମହିଳା ତଥା ବୟସ୍କ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ମୁଁ ଗତ ୧୦ ବର୍ଷ ହେଲା ଲୋକଙ୍କ ସେବାରେ କାମ କରୁଛି। ଏତେ ସମୟ ଧରି ବହୁ ଲୋକ ମୋ ସହିତ ରହି ମୋତେ ନୈତିକ ସମର୍ଥନ ଦେବା ସହ ପ୍ରତିଟି କାର୍ଯ୍ୟରେ ସହଯୋଗ ପ୍ରଦାନ କରି ଆସୁଛନ୍ତି। ତେଣୁ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ସମ୍ପର୍କ' କାର୍ଯ୍ୟକ୍ରମ ବିଭିନ୍ନ ୱାର୍ଡରେ ଆୟୋଜନ କରାଯାଇଛି। ବହୁ ସଂଖ୍ୟକ ଲୋକଙ୍କ ଯୋଗଦାନ ଆମକୁ ଆତ୍ମସନ୍ତୋଷ ଦେଉଛି ବୋଲି ସେ କହିଛନ୍ତି।



## ଅମରେଶ ଜେନାଙ୍କ ବନ୍ଧୁମିଳନ




ଭୁବନେଶ୍ୱର, ୩।୩ (ସମିସ): ରବିବାର ୪୫ ନମ୍ବର ୱାର୍ଡର କର୍ପୋରେଟର ତଥା ବୌଦ୍ଧ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଅମରେଶ ଜେନା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଭିନ୍ନ ୱାର୍ଡର ହଜାର ହଜାର ସଂଖ୍ୟାରେ ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ଅମରେଶ ଜେନା କହିଥିଲେ ଯେ ମୁଖ୍ୟମନ୍ତ୍ରୀ 'ନୂଆ ଓଡ଼ିଶା' ଗଠନ ଦିଗରେ ବହୁ ପ୍ରଭାବୀ ଏବଂ ଐତିହାସିକ ପଦକ୍ଷେପ ନେଉଛନ୍ତି। ଗାଁ-ଗଣ୍ଡାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ସବୁଠି ରୂପାନ୍ତରଣ ଜାରି ରହିଥିବା ବେଳେ ବିକାଶ ସମ୍ପର୍କିତ ଏକାଧିକ ଯୋଜନା ହାତକୁ ନେଉଛନ୍ତି। ମାତ୍ର କିଛି ନେତା ଏଥିରେ ବାଧକ ସାଜୁଛନ୍ତି। ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ତଥା ବିକାଶରେ ବାଧକ ସାଜିବେ, ସେମାନଙ୍କୁ ଉଚିତ ଜବାବ ଦିଆଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ପ୍ରଥମ ମେୟର ମିହିର ମହାନ୍ତି ସଭାପତିତ୍ୱ କରିଥିବା ବେଳେ କର୍ପୋରେଟର ଲିଟୁ ମହାସୁପକାର, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ନରେନ ସାହୁଙ୍କ ସମେତ ଅନେକ ପୂର୍ବତନ କର୍ପୋରେଟର, ଉଭ ଫର ଭୁବନେଶ୍ୱରର ସଦସ୍ୟମାନେ ଯୋଗଦେଇ ଥିଲେ।

## ଦେଶ ବିଦେଶ

● ପଛଘୁଞ୍ଚା ଦେଲେ ଆସନସୋଲର ବିଜେପି ପ୍ରାର୍ଥୀ

### ନିର୍ବାଚନ ଲଢ଼ିବେନି କହିଲେ ପବନ ସିଂହ

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି):** ବିଜେପିର ପଶ୍ଚିମବଙ୍ଗ ଆସନସୋଲ ପ୍ରାର୍ଥୀ ପଛଘୁଞ୍ଚା ଦେଇଛନ୍ତି। ଭୋଜପୁରୀ ଷ୍ଟାର ପବନ ସିଂହ ଆସନସୋଲରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ମନା କରିଦେଇଛନ୍ତି। ଟିକଟ ଦେଇଥିବାରୁ ସେ ବିଜେପିକୁ ଧନ୍ୟବାଦ ଦେଇଛନ୍ତି। କୌଣସି କାରଣ ଯୋଗୁଁ ଏହି ଆସନରୁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି କହିଛନ୍ତି। ଏହା ମଧ୍ୟରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ତାଙ୍କୁ ଦିଲ୍ଲୀ ଡକାଇଛନ୍ତି। ସୂଚନା ଅନୁଯାୟୀ ଅଭିନେତା ଶତ୍ରୁଘ୍ନ ସିହ୍ନା ଏହି ଆସନରୁ ଟିଏମ୍‌ସି ସାଂସଦ ଅଛନ୍ତି। ସିହ୍ନାଙ୍କ ପୂର୍ବରୁ ବାବୁଲ ସୁପ୍ରିୟୋ ବିଜେପି ଟିକଟରେ ଦୁଇ ଥର ସଂସଦକୁ ନିର୍ବାଚିତ ହୋଇଥିଲେ। ପବନ ସିଂହ ମନା କରିବା ପରେ ଟିଏମ୍‌ସି ସାଂସଦ ଅଭିଷେକ ବାନାର୍ଜୀ ବିଜେପିକୁ ନିଶାଣ କରିଛନ୍ତି। ଖେଳ ହେବା ପୂର୍ବରୁ 'ଖେଲା' ହୋଇଗଲା ବୋଲି କହିଛନ୍ତି।

### ପାକିସ୍ତାନରେ ପ୍ରବଳ ବର୍ଷା: ୩୭ ମୃତ

ଇସଲାମାବାଦ, ୩।୩ (ଏଜେନ୍ସି): ପାକିସ୍ତାନରେ ଗତ ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏ ପର୍ଯ୍ୟନ୍ତ ବର୍ଷା ସମ୍ବନ୍ଧିତ ଘଟଣାରେ ୩୭ ଜଣଙ୍କ ମୃତ୍ୟୁ ହେଲାଣି। ଅଧିକାରୀମାନେ ରବିବାର ଦେଇଥିବା ସୂଚନା ଅନୁଯାୟୀ ସାରା ଦେଶରେ ବର୍ଷା ଲାଗି ରହିଛି।ଏଥିଯୋଗୁଁ ଅନେକ ଘର ଭୁଶୁଡ଼ି ଯାଇଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ଏଥିଯୋଗୁଁ ଉତ୍ତର-ପଶ୍ଚିମ ଖୈବର ପଖତୁନଖ୍ୱାରେ ଅନେକ ରାସ୍ତା ବନ୍ଦ ରହିଛି। ଏହି ରାଜ୍ୟରେ ବର୍ଷା ବିପ୍ରାତ ସୃଷ୍ଟି କରିଛି। ବର୍ଷା ଜନିତ ଘଟଣାରେ ୨୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

### ୧୦ ଦିନରେ ୧୨ ରାଜ୍ୟ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୧୦ ଦିନରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗସ୍ତ କରିବେ। ଏହି ସମୟରେ ସେ ୨୯ କାର୍ଯ୍ୟକ୍ରମରେ ସାମିଲ ହେବେ। ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆଗାମୀ ୧୦ ଦିନରେ ତେଲଙ୍ଗାନା, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଜମ୍ମୁ-କାଶ୍ମୀର, ଆସାମ, ଅରୁଣାଚଳ ପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ, ରାଜସ୍ଥାନ ଗସ୍ତ କରିବେ। ସେ ସୋମବାର ତେଲଙ୍ଗାନା ଆଦିଲାବାଦରେ ଅନେକ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏହା ପରେ ତାମିଲନାଡୁ ଗସ୍ତରେ ଯିବେ।

### ଭଙ୍ଗାଗଲା ମଦ ବ୍ୟବସାୟୀଙ୍କ ୪୦୦ କୋଟିର ଫାର୍ମହାଉସ

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି):** ଦିବଂଗତ ମଦ ବ୍ୟବସାୟୀ ପୋଣ୍ଟି ଚଡ଼ାଙ୍କ ୪୦୦ କୋଟି ଟଙ୍କାର ଫାର୍ମ ହାଉସକୁ ଦିଲ୍ଲୀ ଡେଭ୍‌ଲପମେଣ୍ଟ ଅଥରିଟି (ଡିଡିଏ) ଧ୍ୱସ୍ତ କରିଦେଇଛି। ଶୁକ୍ରବାର ଏବଂ ଶନିବାର ଏହି ଫାର୍ମ ହାଉସରେ ବୁଲ୍‌ଡୋଜର ଚାଲିଥିଲା। ଏହା ପ୍ରାୟ ୧୦ ଏକର ସ୍ଥାନରେ ବ୍ୟାପି ଥିଲା। ବେଆଇନ ଭାବେ ଜମି କବ୍‌ଜା କରି ଏହାକୁ ବନା ଯାଇଥିଲା। ଶୁକ୍ରବାର ଡିଡିଏ ୫ ଏକର ଜମିରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏହା ପରିଦନ ଆଉ ବାକି ଫାର୍ମହାଉସ ସହିତ ମୁଖ୍ୟ କୋଠାକୁ ଧ୍ୱଂସ କରିଦିଆଯାଇଥିଲା।

### ସିଲିଂ ଗ୍ରିଲ୍ ଖସି ୨ ମୃତ

**ନୂଆଦିଲ୍ଲୀ, ୩।୩ (ଏଜେନ୍ସି):** ଗ୍ରେଟର ନୋଏଡାର ଗାଲାକ୍ସି ବ୍ଲୁ ସେଫାୟାର ନାମକ ସପିଂ ମଲ୍ରେ ଦୁର୍ଘଟଣା ଘଟିଛି। ଗ୍ରାଉଣ୍ଡ ଫ୍ଲୋରରେ ଏସ୍କାଲେଟର ଆଡ଼କୁ ଯାଉଥିବା ହରେନ୍ଦ୍ର ଭାଟି ଓ ସକିଲ ନାମକ ୨ଜଣ ବ୍ୟକ୍ତିଙ୍କ ଉପରେ ପଞ୍ଚମ ମହଲାର ଲୁହା ସିଲିଂ ଖସି ପଡ଼ିଛି। ଏଥିରେ ଉଭୟେ ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ଦ୍ୱୟଙ୍କ ବୟସ ୩୫ ବର୍ଷ ଓ ସେମାନେ ନିକଟସ୍ଥ ଗାଜିଆବାଦ ଜିଲ୍ଲାର ବିଜୟନଗର ଅଞ୍ଚଳର ବାସିନ୍ଦା। ଏହି ଦୁର୍ଘଟଣା ସମ୍ପର୍କରେ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ସେଣ୍ଟ୍ରାଲ ନୋଇଡା ଅତିରିକ୍ତ ଡିସିପି ହ୍ରିଦେଶ କାଥେରିଆ କହିଛନ୍ତି।

### ଚଳନ୍ତା ଟ୍ରେନ୍‌ରୁ ଠେଲିଦେଲେ ଟିଟିଇ; ମହିଳା ଗୁରୁତର

**ଚଣ୍ଡିଗଡ଼, ୩।୩ (ଏଜେନ୍ସି):** ହରିୟାଣା ଫରିଦାବାଦରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଝେଲମ ଏକ୍ସପ୍ରେସ୍‌ର ଏସି ବଗିରେ ଚଢ଼ିଥିବା ଜଣେ ମହିଳାଙ୍କୁ ଟିଟିଇ ଚଳନ୍ତା ଟ୍ରେନ୍‌ରୁ ଠେଲି ଦେଇଛନ୍ତି। ଫଳରେ ମହିଳା ଟ୍ରେନ୍ ଏବଂ ପ୍ଲାଟଫର୍ମ ମଧ୍ୟରେ ଫସି ରହିଥିଲେ। ସେଠାରେ ଥିବା ରେଳ ସୁରକ୍ଷା ବାହିନୀ (ଆରପିଏଫ) ଯବାନଙ୍କ ଯୋଗୁ ମହିଳାଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ଯବାନ ଚେନ୍ ଟାଣି ଟ୍ରେନକୁ ଅଟକାଇ ଥିଲେ। ମହିଳାଙ୍କୁ ବାହାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଥିରେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତ, ଗୋଡ଼ ଏବଂ ମୁଣ୍ଡରେ ଆଘାତ ଲାଗିଛି। ମହିଳାଙ୍କ ଅଭିଯୋଗରେ ଜିଆରପି ଟିଟିଇଙ୍କ ବିରୋଧରେ ହତ୍ୟା ଉଦ୍ୟମ ଧାରାରେ ମାମଲା ରୁଜୁ କରିଛି। ଏ ପର୍ଯ୍ୟନ୍ତ ଟିଟିଇଙ୍କୁ ଚିହ୍ନଟ କରାଯାଇ ନାହିଁ। ଏହି ଘଟଣା ୨୯ ତାରିଖର। ଏସଜିଏମ ନଗରର ବାସିନ୍ଦା ଭାବନା (୪୦) ନିଜ ସମ୍ପର୍କୀୟଙ୍କ ବିବାହରେ ଯୋଗଦେବା ପାଇଁ ଝାନସୀ ଯାଉଥିଲେ। ଝିଅ ଶିଳ୍ପା ତାଙ୍କୁ ଫରିଦାବାଦ ଷ୍ଟେସନକୁ ଛାଡ଼ିବାକୁ ଆସିଥିଲେ। ମହିଳା ଜେନେରାଲ ଟିକଟ କାଟି ଝେଲମ ଏକ୍ସପ୍ରେସ୍‌କୁ ଅପେକ୍ଷା କରି ରହିଥିଲେ। ଦ୍ୱିପହରେ ଟ୍ରେନ ଆସିବାରୁ ସେ ଏସି ବଗିରେ ଚଢ଼ି ଯାଇଥିଲେ। ଏହି ସମୟରେ ଟ୍ରେନ ଛାଡ଼ି ଦେଇଥିଲା। ପରେ ଟିଟି ଆସି ପଚରାଉଚୁରା କରି ତାଙ୍କୁ ଧକ୍କା ଦେଇ ଦେଇଥିଲେ।

### ଏନ୍‌ଏଚ୍‌ଏଆଇର ଜିଏମ୍‌ଙ୍କୁ ବାନ୍ଧିଲା ସିବିଆଇ

**ମୁମ୍ବାଇ, ୩।୩ (ଏଜେନ୍ସି):** ନ୍ୟାସନାଲ ହାଇୱେଜ ଅଥରିଟି ଅଫ୍ ଇଣ୍ଡିଆ (ଏନଏଚ୍‌ଏଆଇ)ର ଜେନେରାଲ ମ୍ୟାନେଜର (ଜିଏମ) ଅରବିନ୍ଦ କାଲେଙ୍କୁ ସିବିଆଇ ମହାରାଷ୍ଟ୍ରରୁ ଗିରଫ କରିଛି। ୨୦ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ବ୍ୟତୀତ ତଲାସୀ ଅଭିଯାନ ସମୟରେ ଏଜେନ୍ସି ୪୫ ଲକ୍ଷ ଟଙ୍କା ଜବତ କରିଥିଲା। ଅଧିକାରୀଙ୍କ ଅନୁଯାୟୀ କାଲେ ଏବଂ ୧୧ ଅନ୍ୟ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଟ୍ରୁଡୋ-ମେଲୋନୀଙ୍କ ବୈଠକ ବାତିଲ

**ଟୋରୋଣ୍ଟୋ,୩।୩ (ଏଜେନ୍ସି):** କାନାଡ଼ା ଟୋରୋଣ୍ଟୋରେ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଏବଂ ତାଙ୍କ ଇଟାଲୀ ସମକକ୍ଷ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତ ଆଲୋଚନାକୁ ବାତିଲ କରିଦିଆଯାଇଛି। ଟୋରୋଣ୍ଟୋରେ ପାଲେଷ୍ଟାଇନ ସମର୍ଥକଙ୍କ ଉଗ୍ର ପ୍ରଦର୍ଶନକୁ ଦେଖି ଶନିବାର ରାତିରେ ଏହି ନିଷ୍ପତ୍ତି ନିଆଯାଇଛି। ବିକ୍ଷୋଭ ପ୍ରଦର୍ଶନକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ଏଥିଯୋଗୁଁ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଛି।

ଜୀବନକୁ ବୁଝିବା ପୂର୍ବରୁ ମୃତ୍ୟୁ ଡାକିନେଲା

## ମସ୍ତିଷ୍କମୃତ୍ୟୁ ପରେ ଅଙ୍ଗଦାନ କରି ଅମର ଶୁଭୋଜିତ୍

■ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ
■ ମଉଳିଗଲା ଡାକ୍ତର ହେବାର ସ୍ୱପ୍ନ

**ଭୁବନେଶ୍ୱର, ୩।୩ (ସମିସ):** ବାପା, ମା' ଓ ପରିବାର ସହ ହସଖୁସିରେ ସମୟ ବିତାଇବାକୁ ସହିପାରିଲାନି ନିଷ୍ଠୁର ଦଇବ। ଜୀବନ କ'ଣ ବୁଝିବା ପୂର୍ବରୁ ମାତ୍ର ୮ବର୍ଷ ବୟସରେ ମୃତ୍ୟୁ ଡାକିନେଲା। କଅଁଳ ବୟସରେ ପୁଅ ସିନା ଚାଲିଗଲା, କିନ୍ତୁ ତା'ର ଅଙ୍ଗଦାନ କରାଇ ତାକୁ ସବୁଦିନ ପାଇଁ ଅମର କରିଦେଇଛନ୍ତି ତା'ର ପିତାମାତା। କଳ୍ପନା ଅଞ୍ଚଳରେ ରହୁଥିବା ଡାକ୍ତର ବିଶ୍ୱଜିତ୍ ସାହୁ ଓ ଶୁଭଶ୍ରୀ ସାହୁଙ୍କ ପୁଅ ଶୁଭୋଜିତ୍ ଦାସ (୮)। ବୁଧବାର ସ୍କୁଲରେ ପରୀକ୍ଷା ଦେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ସଙ୍ଗେସଙ୍ଗେ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପରିବାରଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ଗୁରୁବାର ସେଠାରେ ଡାକ୍ତର ତାଙ୍କର ବ୍ରେନ୍-ଡେଡ୍ ଘୋଷଣା କରିଥିଲେ। ଏଥିରେ ପରିବାରଲୋକ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ହେଁ ଶୁଭୋଜିତ୍‌ଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ତା' ଶରୀରରୁ ଯକୃତ ବାହାର କରାଯାଇଛି। ଯକୃତକୁ ଭୁବନେଶ୍ୱର ଏମ୍‌ସକୁ ପଠାଯିବ ବୋଲି ଜଣାପଡ଼ିଛି। ଏହାପରେ କିଡ୍‌ନୀ, ହୃତ୍‌ପିଣ୍ଡ, ଚକ୍ଷୁ ଭଳି ଅନ୍ୟ ୭ଟି ଅଙ୍ଗ ବାହାର କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍ୟନଗର ଶ୍ମଶାନରେ ଶୁଭୋଜିତ୍‌ର ଶେଷକୃତ୍ୟ ସଂପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।



ଶୁଭୋଜିତ ବିଜେଏମ୍‌ଇ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ତୃତୀୟ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ପରୀକ୍ଷା ଦେଉଥିଲେ। ବୁଧବାର ସକାଳୁ ନିଜର ପରୀକ୍ଷା ଥିବାରୁ ଖୁସି ମନରେ ସ୍କୁଲକୁ ବାହାରି ଯାଇଥିଲେ। ସ୍କୁଲରେ ପହଞ୍ଚିବା ପରେ କ୍ଲାସରୁମରେ ବସିଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍କୁଲ୍ କର୍ତ୍ତୃପକ୍ଷ ଶୁଭୋଜିତଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ୍ ନେଇଯାଇଥିବାବେଳେ ପରେ ପରିବାର ଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇ ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ଗୁରୁବାର ଦିନ ଡାକ୍ତର ଶୁଭୋଜିତଙ୍କୁ ବ୍ରେନ୍ ଡେଡ୍ ଘୋଷୋଣ କରିଥିଲେ।

ପିଲାଟି ବେଳୁ ବେଶ ହସଖୁସ୍ ମିଜାଜ୍‌ର ଥିଲେ ଶୁଭୋଜିତ୍। ଡାକ୍ତର ପରିବାରରେ ଜନ୍ମ ହୋଇଥିବାରୁ ଡାକ୍ତର ହେବାର ଆଶା ଓ ସ୍ୱପ୍ନ ନେଇ ଆଗକୁ ବଢୁଥିଲା। ହେଲେ ସବୁ ସ୍ୱପ୍ନ, ଆଶା ମଉଳିଗଲା। ଶୁଭୋଜିତ୍‌କୁ ପ୍ରଥମେ ଫିଡ୍ସ ଓ ପରେ ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ତେବେ କେଉଁ କାରଣରୁ ଶୁଭୋଜିତ୍‌ର ମସ୍ତିଷ୍କ ଅଚଳ ହୋଇଗଲା, ତାହାର କାରଣ ଡାକ୍ତରମାନେ ଧରି ପାରି ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଶୁଭୋଜିତଙ୍କ ବାପା।





ଦୁବାଇ ଗସ୍ତରେ ଯିବାକୁ ଥିବା ଏସ୍‌ଏଚ୍‌ଜି ମହିଳା ପ୍ରତିନିଧି (ବାମ) ଓ ଜିଲ୍ଲା କଳା ସାଂସ୍କୃତିକ ସଂଘର ଉପ-ସଭାପତିମାନଙ୍କ ସହ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ଆଲୋଚନା କରୁଛନ୍ତି

■ ଲାଇଟ ସ୍ପୋର୍ଟ ଏରୋପ୍ଲେନ୍‌କୁ ବାତିଲ କଲା ଡିଜିସିଏ

## ଅନ୍ଧାରରେ ୪୦ ଟ୍ରେନି ପାଇଲଟଙ୍କ ଭବିଷ୍ୟତ

**ଢେଙ୍କାନାଳ/କାମାକ୍ଷାନଗର,୩।୩(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ ବିରାଶାଳ ଏୟାରଷ୍ଟ୍ରିପ୍ ପ୍ରଶିକ୍ଷଣ କେନ୍ଦ୍ରରେ ୪୦ ଟ୍ରେନିଂ ପାଇଲଟ୍‌ଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। ଗତ ୨ ବର୍ଷ ଟ୍ରେନିଂ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ପରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଉଥିବା ଲାଇଟ୍ ସ୍ପୋର୍ଟ ଏରୋପ୍ଲେନ୍‌କୁ ଡିଜିସିଏ ବାତିଲ କରିଦେବା ପରେ ୪୦ଜଣ ଛାତ୍ରଛାତ୍ରୀ ଏବେ ଆଶଙ୍କାରେ ରହିଛନ୍ତି।

କଙ୍କଡାହାଡ଼ ବ୍ଲକ ବିରାଶାଳରେ ରହିଛି ସରକାରୀ ବିମାନ ଉଡାଣ ପ୍ରଶିକ୍ଷଣ କେନ୍ଦ୍ର। ବିରାଶାଳ ବିମାନଘାଟିରେ ଭୁବନେଶ୍ୱରର ଗତି ନାମକ ଏକ ଘରୋଇ ବିମାନ ପ୍ରଶିକ୍ଷଣ ସଂସ୍ଥା ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏହି ବିମାନବନ୍ଦରଟି ଗତ ୨୦୧୯ ମେ'ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନ ପ୍ରଶିକ୍ଷଣ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଏଠାରେ ୪୦ଜଣ ଛାତ୍ରଛାତ୍ରୀ ତାଲିମ ନେଉଥିବା ବେଳେ ପ୍ରାୟ ୪୦ ଜଣ ଟ୍ରେନି ପାଇଲଟଙ୍କ ଜୀବନ ସହିତ ଖେଳ ଖେଳା ଯାଇଥିବା ଅଭିଯୋଗ ହୋଇଛି। ବିରାଶାଳ ଏୟାରଷ୍ଟ୍ରିପ୍‌ରେ ରହିଛି ୪ ଗୋଟି ଅତ୍ୟାଧୁନିକ ଲାଟେଷ୍ଟ ମଡେଲର ଏୟାରକ୍ରାଫ୍ଟ। ସେଥିମଧ୍ୟରୁ ଦୁଇଟି ଏୟାରକ୍ରାଫ୍ଟ ନୂତନ ମଡେଲର ରହିଛି। କିନ୍ତୁ ଡିଜିସିଏର ଚିଠି ସମସ୍ତଙ୍କୁ ଚକିତ କରିଛି। ଯେଉଁ ଦୁଇଟି ଏୟାରକ୍ରାଫ୍ଟରେ ଛାତ୍ରଛାତ୍ରୀମାନେ ଟ୍ରେନିଂ ନେଉଛନ୍ତି, ସେହି ଏୟାରକ୍ରାଫ୍ଟ ଡିଜିସିଏଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଲାଇଟ୍ ସ୍ପୋର୍ଟ ଏରୋପ୍ଲେନ ଅଟେ। ତେଣୁ ତାହା ପ୍ରଶିକ୍ଷଣ ନେବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଡିଜିସିଏ ନୋଟିସ ଦେଇଛି। ଏପରିସ୍ଥଳେ ପ୍ରାୟ ଦୁଇ ବର୍ଷ ଧରି ଅନେକ ଟ୍ରେନି ପାଇଲଟ ୧୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଭରି ସାରିଛନ୍ତି ଏବଂ ଏଥି ବାବଦକୁ ପ୍ରାୟ ୨୫ରୁ ୪୦ ଲକ୍ଷ ଟଙ୍କା ବ୍ୟୟ ସାରିଛନ୍ତି। ଗତ ଫେବୃଆରୀ ମାସ ୨୬ ତାରିଖରେ ଡିଜିସିଏଙ୍କ ନୋଟିସ ଅନୁଯାୟୀ ଏହି ଦୁଇଟି ଏୟାରକ୍ରାଫ୍ଟରେ ଟ୍ରେନିଂ ନେବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଯାହାଦ୍ୱାରା ସମ୍ପୃକ୍ତ ଏୟାରକ୍ରାଫ୍ଟରେ ଟ୍ରେନିଂ ସମ୍ପୂର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ମାନେ ଲାଇସେନ୍ସ ପାଇପାରିବେ ନାହିଁ। ଏବେ ଟ୍ରେନି ପାଇଲଟ ମାନଙ୍କ ସମୟ ଅପଚୟ ସହିତ ଅର୍ଥ ହାନୀର ଭରଣା କିଏ କରିବ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଫେବୃଆରୀ ମାସରେ ସମ୍ପୃକ୍ତ ଏୟାରକ୍ରାଫ୍ଟକୁ ବାତିଲ କରାଗଲା, ତେବେ ୨ ବର୍ଷ ତଳେ ଯାକୁ ଅନୁମତି ପ୍ରଦାନ କଲା କିଏ? ଲାଇଟ ସ୍ପୋର୍ଟ ଏରୋପ୍ଲାନକୁ 'ଗତି' ଭଳି ବିମାନ ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଟ୍ରେନିଂ ଦେବା ପାଇଁ ଅଣାଯାଇଥିଲା। ତୁରନ୍ତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

ବିରାଶାଳ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ର

ବରଯାତ୍ରୀ ଶୋଭାଯାତ୍ରାରେ ନିଆରା ଦୃଶ୍ୟ

## ଡିଜେ ବଦଳରେ ହରେ କୃଷ୍ଣ ହରେ ରାମ...

**କଟକ,୩।୩(ସମିସ):** ପରିବର୍ତ୍ତିତ ସମାଜରେ ଲୋକଙ୍କ ଚଳଣୀ ବଦଳୁଛି। ଚିନ୍ତା ଓ ଚେତନା ଏବେ ଆଧୁନିକତାର ବାଟରେ। ସମାଜ ସହ ଖାପ ଖୁଆଇବାକୁ ଚେଷ୍ଟା କରି ଲୋକେ ନିଜକୁ ଆଧୁନିକ ବୋଲି ଆତ୍ମପ୍ରଚାର କରୁଛନ୍ତି। ମାତ୍ର ବାଙ୍କୀ ଅଞ୍ଚଳରେ ଏଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି, ଯାହାକି ସମସ୍ତଙ୍କୁ ଚକିତ କରିଦେଇଛି। ଏଠାରେ ରବିବାର ଏକ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଯେଉଁଥିରେ ନାଁ ବାଜୁଥିଲା ଡିଜେ, ନାଁ ଶୁଭୁଥିଲା ଆଧୁନିକ ଗୀତ। ମାଇକ୍‌ରେ ଶୁଭୁଥିଲା କେବଳ ହରେ କୃଷ୍ଣ.. ହରେ ରାମ। ଆଉ ଏହି ଆଧ୍ୟାତ୍ମିକ ଜପନାମରେ ଝୁମୁଥିଲେ ସମସ୍ତ ବରଯାତ୍ରୀ। କୌଣସି ଏକ ଅଷ୍ଟପ୍ରହରୀର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ଏହା ଥିଲା ଏକ ବିବାହର ଆୟୋଜନ। ଏମିତିକି ବରଯାତ୍ରୀରେ ସାମିଲ ହୋଇଥିବା ସମସ୍ତ ସଦସ୍ୟ ମଧ୍ୟ ମଥାରେ ହରି ଚିତା କୁଟାଇଥିବା ବେଳେ ଗଳାରେ ପକାଇଥିଲେ ତୁଳସୀ ମାଳ। ନିଶ୍ଚିନ୍ତକୋଇଲି ବ୍ଲକ ବିଶମପଡା ଗ୍ରାମର ଜଳଧର ସେଠୀ ବାଙ୍କୀ ସୁନାଦେଇପୁର ଗ୍ରାମର ଲକ୍ଷ୍ମଣ ଦଳେଇଙ୍କ ଝିଅ ଏଲିଙ୍କୁ ରବିବାର



ବୈଦିକ ରୀତିନୀତିରେ ବିବାହ କରିଛନ୍ତି। ତେବେ ଜଳଧର କୌଣସି ବଡ ଶୋଭଯାତ୍ରା କି ରୋଶଣୀ ନେଇ ବିବାହ ସ୍ଥଳକୁ ଯାଇନଥିଲେ। ତାଙ୍କ ଇଚ୍ଛା ମୁତାବକ ବରଗାଡି ସୁସଜ୍ଜିତ ହୋଇଥିଲା। ନିଜକୁ ବର ବେଶରେ ଭଲ ଭାବେ ସଜାଇଥିଲେ। କିନ୍ତୁ ଡିଜେ ବରାଦ ନକରି ସେ ବରଯାତ୍ରୀଙ୍କୁ ନଚାଇବା ପାଇଁ ଡାକିଥିଲେ ସଂକୀର୍ତ୍ତନ ଦଳକୁ। ସମସ୍ତ ବରଯାତ୍ରୀ ମଧ୍ୟ ଏଭଳି ଆୟୋଜନରେ କୌଣସି ବିରୋଧ କରିନଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହରେ କୃଷ୍ଣ.. ହରେ ରାମ ଗୀତରେ ବରଯାତ୍ରୀମାନେ ନୃତ୍ୟ ଜାରି ରଖିଥିଲେ। ସୁନାଦେଇପୁର ଗ୍ରାମରେ ଏହି ବରଯାତ୍ରୀ ଶୋଭାଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟ ସୃଷ୍ଟି କରିଥିଲା। ବରଯାତ୍ରୀରେ ସାମିଲ ହୋଇଥିବା ମହିଳା ଜୟନ୍ତୀ ପ୍ରଧାନ କହିଛନ୍ତି ଯେ, ହରେ କୃଷ୍ଣ.. ହରେ ରାମ ଜପ କଲେ ଅନେକ ପାପରୁ ମୁକ୍ତି ମିଳେ। ଏଭଳି ଜପନାମରେ ବରଯାତ୍ରୀ ଯିବା ସୌଭାଗ୍ୟର କଥା। ବିନା ଦ୍ୱିଧାରେ ଆମେ ହରେ କୃଷ୍ଣ.. ହରେ ରାମ ଗୀତରେ ନୃତ୍ୟ କରିଥିଲୁ। ସମସ୍ତ ବରଯାତ୍ରୀଙ୍କୁ ଏହା ଆତ୍ମସନ୍ତୋଷ ଦେଇଛି ବୋଲି ଜୟନ୍ତୀ କହିଛନ୍ତି।

### ସ୍ତ୍ରୀ ଆଖି ଆଗରେ ସ୍ୱାମୀକୁ ଚାପିଦେଲା ହାଇୱା

**ଭବାନୀପାଟଣା,୩।୩(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିକଟ ଖଇରମାଲ ଛକ ନିକଟରେ ରବିବାର ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଏକ ହାଇୱା ଧକ୍କାରେ ଜଗନ୍ନାଥପୁର ଗାଁର ଯୁଗଳ ଶବର(୪୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ଉର୍ମିଳା ଶବର (୩୪) ଗୁରୁତର ହୋଇଛନ୍ତି। କାଉଗୁଡାରେ ହଷ୍ଟେଲରେ ରହି ପାଠ ପଢୁଥିବା ଝିଅକୁ ଦେଖା କରି ଉଭୟ ଘରକୁ ଫେରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଉର୍ମିଳା କିଛି ଦୂରକୁ ଛିଟିକି ପଡ଼ିଥିବା ବେଳେ ତାଙ୍କ ଆଖି ଆଗରେ ଯୁଗଳଙ୍କ ଉପରେ ହାଇୱାଟି ଚଢ଼ି ଯାଇଥିଲା। ଗୁରୁତର ଉର୍ମିଳାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ନିଷିଦ୍ଧାଞ୍ଚଳରୁ ଜବତ ହେଲା ଦୁଇ ମାଛଧରା ଟ୍ରଲର୍

**ଅସ୍ତରଙ୍ଗ,୩।୩(ସମିସ):** ମତ୍ସ୍ୟ ବିଭାଗର ଅପାରଗତା ଏବଂ ଟ୍ରଲର ମାଲିକଙ୍କ ସହିତ ଥିବା ମଧୁଚନ୍ଦ୍ରିକାରୁ ଫେଲ ମାରୁଛି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା। ନଭେମ୍ବର ୧ରୁ ମେ ମାସ ୩୧ପର୍ଯ୍ୟନ୍ତ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଲାଗି ଲାଗୁ ହୋଇଥିବା କଟକଣା ଫେଲ ମାରିଛି। ନିଷିଦ୍ଧାଞ୍ଚଳରୁ ବାରମ୍ବାର ମାଛଧରୁ ଥିବା ବେଳେ ଅସ୍ତରଙ୍ଗର ବନବିଭାଗର ପାଟ୍ରୋଲିଂ ଟିମ୍ ଜବତ କରୁଛି ଟ୍ରଲର ବନ ବିଭାଗ ଟ୍ରଲର ଜବତ କରିବା ପରେ ସାମୁଦ୍ରିକ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଦେଇ ଥାଏ। କିନ୍ତୁ ମତ୍ସ୍ୟ ବିଭାଗକୁ ଟ୍ରଲର ହସ୍ତାନ୍ତର ହେବା ପରେ ଆରମ୍ଭ ହୁଏ ଅସଲି ଖେଳ। ଟ୍ରଲରରେ ଥିବା ମାଛର ପରିମାଣକୁ ଗୁପ୍ତ ରଖି ଅଳ୍ପ ପରିମାଣର ମାଛକୁ ସାଗମାଛ ଦରରେ ନିଲାମ କରି ମୋଟା ଅଙ୍କରେ ମୁନାଫା କମେଇ ବସିପଡନ୍ତି ବିଭାଗୀୟ ଅଧିକାରୀମାନେ। ଯାହାର ପ୍ରଭାବ ଅସ୍ତରଙ୍ଗ ଉପକୂଳରେ ଦେଖିବା ପାଇଁ ମିଳିଛି। ଶନିବାର ମଧ୍ୟାହ୍ନରେ ଅସ୍ତରଙ୍ଗ ଉପକୂଳରେ ଦୁଇଟି ଟ୍ରଲର ଯାହାର ନାମ ଗଙ୍ଗା ମାତା ଆଇଏନ ଡି ୦୫-ଏମ ଏମ ୩୪୧ଏବଂ ଶ୍ରୀ ଗଣେଶ ଆଇଏନଡି-୦୫ଏମଏମ ୫୨ ବେଆଇନ ଭାବରେ ମାଛ ମାରୁଥିବା ବେଳେ ଅସ୍ତରଙ୍ଗ ବନ ବିଭାଗର ଏକ ପାଟ୍ରୋଲିଂ ଟିମ ଦ୍ୱାରା ଜବତ ହୋଇଛି। ଏଥିରେ ଥିବା ୧୨ ଜଣ କର୍ମଚାରୀ ଅଟକ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରଲର ଦୁଇଟା ଜବତ ହେବା ପରେ ସନ୍ଧ୍ୟାରେ ରେଞ୍ଜର ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାମୁଦ୍ରିକ ମତ୍ସ୍ୟବିଭାଗକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଶନିବାର ଦିନ ଫରେଷ୍ଟର ସବୀର କୁମାର ସାହୁ, , ଫରେଷ୍ଟ ଗାର୍ଡ଼ ଶଶିକାନ୍ତ ସେଠି, ନିର୍ମଳ ଚନ୍ଦ୍ର ପାତ୍ର ଏବଂଏପିଆର ଫୋର୍ସ ସମୁଦ୍ରରେ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଟା ଟ୍ରଲରକୁ ନିଷିଦ୍ଧାଞ୍ଚଳ ଭିତରେ ଧରିଥିଲେ। ମତ୍ସ୍ୟ ବିଭାଗର କୋହଳ ଆଭିମୁଖ୍ୟର ସୁଯୋଗ ନେଇ ନିଷିଦ୍ଧାଞ୍ଚଳକୁ ଟ୍ରଲର ପଶିବାକୁ ସାହାସ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

୧୨ କର୍ମଚାରୀ ଅଟକ





## ବୁଡ଼ିଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

**ପୁରୀ,୩।୩(ସମିସ):** ସମୁଦ୍ରରେ ସ୍ନାନ କରୁଥିବା ବେଳେ ଅନେକ ସମୟରେ ପର୍ଯ୍ୟଟକମାନେ ବିପଦରେ ପଡୁଛନ୍ତି। ଉଚ୍ଚ ଲହଡି ମାଡ଼ରେ କେହି କେହି ଆହତ ହେଉଥିବା ବେଳେ ଆଉ କାହାର ବୁଡ଼ିଯିବାରୁ ବି ଜୀବନ ଯାଉଛି। ତେବେ ରବିବାର ସମୁଦ୍ରରେ ଗାଧୋଉଥିବା ବେଳେ ଦୁଇଜଣ ପର୍ଯ୍ୟଟକ ବୁଡ଼ି ଯାଉଥିଲେ। ମାତ୍ର ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ରବିବାର ବେଳାଭୂମିରେ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଥିଲା। ଏହି ସମୟରେ ଝାଡ଼ଖଣ୍ଡରୁ ପୁରୀ ବୁଲିବାକୁ ଆସିଥିବା ରାଜୁ ସିଂ (୨୮) ଏବଂ ଦୀପକ କୁମାର ସାହୁ (୨୮) ସେକ୍ଟର ୩ରେ ଗାଧୋଉଥିଲେ। ମାତ୍ର ବଡ଼ ଲହଡ଼ିରେ ମାଡ ହୋଇ ସେମାନେ ବୁଡ଼ିଯାଇ ଭିତରକୁ ଟାଣି ହୋଇଯାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡ ଦୁଇଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।



